## ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ଉଠୁନି ଅଳିଆ, ଦୁର୍ଗନ୍ଧରେ ଫାଟି ପଡୁଛି ରାସ୍ତାଘାଟ




ବାଲେଶ୍ୱର, ୭।୪(ସମିସ):

ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦିନ ଦିନ ଧରି ସହରର ବିଭିନ୍ନ ଛକ, ରାସ୍ତା ଏବଂ ଗଳିକନ୍ଦିରୁ ଉଠୁନି ଅଳିଆ। ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଲେ ବି ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନଜର ନାହିଁ। ସହରର ଯେଉଁ କୋଣର ଯେଉଁଠି ବି ଅନେଇଲେ ଖେଳେଇ ହୋଇପଡ଼ିଛି ଅଳିଆ ଆବର୍ଜନା। ତେବେ ରବିବାର ଦିନ ସହରର ଦୃଶ୍ୟ କିଛି ଏହିପରି ଥିଲା। ରବିବାର ଦିନ ସହରର ବିଭିନ୍ନ ସ୍ଥାନକୁ ଯାଇ ଦେଖିବା ପରେ ସ୍ୱଚ୍ଛତାର ଅସଲ ଚିତ୍ର ସାମ୍ନାକୁ ଆସିଥିଲା। ବାଲେଶ୍ୱର ପୌରପାଳିକାର ସ୍ୱଚ୍ଛତା କେବଳ ପ୍ରଚାରରେ ରହିଛି କି କାର୍ଯ୍ୟରେ ତାହା ଦେଖିବା ବେଳକୁ ସହରର ସବୁଠି କୁଢ କୁଢ ଅଳିଆ ଦେଖିବାକୁ ମିଳିଥିଲା। ସହରର ସେଣ୍ଟ୍ରାଲ ସ୍କୁଲ ଛକ ରାସ୍ତାଠୁ ଆରମ୍ଭ କରି ପୁଲିସ୍ କଲୋନୀ ଏବଂ ବିଭିନ୍ନ କାର୍ଯ୍ୟାଳୟରେ ନିକଟରେ ଅଳିଆ ପଡ ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ସବୁଠି ଅଳିଆ ପଡ଼ିରହିଥିଲା। ସବୁଠି ବାସୀ ଖାଦ୍ୟ, ପନିପରିବା, ଖଲି ପତ୍ର ଆଦି ରାସ୍ତା କଡ଼ରେ ନହେଲେ ରାସ୍ତା ଉପରେ ଗଦା ହୋଇପଡ଼ିରହୁଛି। ଯାହାକୁ ଦିନ ତମାମ ବୁଲା କୁକୁର, ଗାଈଗୋରୁ ଟାଣି ପକାଉଛନ୍ତି। ପୌରପାଳିକା ପକ୍ଷରୁ ସଫେଇ ପାଇଁ କର୍ମଚାରୀ ଥିଲେ ମଧ୍ୟ ଏବଂ ଘରକୁ ଘରକୁ ଆସି ଗାଡ଼ି ଅଳିଆ ସଂଗ୍ରହ କରିବା ସତ୍ତ୍ୱେ ବି ସ୍ୱଚ୍ଛ ଓ ସୁନ୍ଦର ହୋଇପାରୁନି ସହର। ସେଣ୍ଟ୍ରାଲ ସ୍କୁଲ ଛକ ନିକଟରେ ଦୀର୍ଘଦିନ ଧରି ଅଳିଆ ସଫା ହେଉନଥିବା କାରଣରୁ ସେଇ ରାସ୍ତା ଦେଇ ଯାତାୟାତ କରିବା ସମ୍ଭବପର ହେଉନାହିଁ। ସ୍ଥାନୀୟ ଦୋକାନୀମାନେ ଅଳିଆ ପକାଇବା ପରେ ସେଠାରୁ ଅଳିଆ ନ ଉଠିବା ଦ୍ୱାରା ସ୍ଥାନୀୟ ପରିବେଶ ଅପରିଷ୍କାରରେ ପରିଣତ ହୋଇଛି। ସେହିଭଳି ପୋଲିସ କଲୋନୀ ରାସ୍ତାରେ ଗଦା ହୋଇଛି ଅଳିଆ। ପିଡବ୍ଲୁଡି ଡିଭିଜନ ପାଖ, ଜେଲ୍ ରୋଡ୍ ନିକଟରେ ମଧ୍ୟ ରାସ୍ତାରେ ଅଳିଆ ପଡ଼ିରହିବା ସହ ଅଳିଆ ଉଠା ଗାଡ଼ି ମଧ୍ୟ ଖତ ଖାଉଛି। ସେହିଭଳି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟ କୃଷି ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପଚା ଫଳ, ପନିପରିବା ଏବଂ ଅନ୍ୟାନ୍ୟ ବସ୍ତା ବସ୍ତା ଆବର୍ଜନା ରାସ୍ତା ଉପରେ ଖେଳେଇ ହୋଇପଡ଼ିଛି। ସେମିତି ଫକୀରମୋହନ ଗୋଲେଇ ଏବଂ ଷ୍ଟେସନ୍ ଛକ ମଝାମଝିରେ ରାସ୍ତାକୁ ଲାଗି ଶୁଖିଲା, ଓଦା ଅଳିଆ ପଡ଼ିଛି। ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ପୌରପାଳିକା ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଗଲେ ବି ତାହା ଶତପ୍ରତିଶତ ସଫଳ ହୋଇପାରୁନି।

## ଝିପଝିପ ବର୍ଷା ଦେଲା ତାତିରୁ ଆଶ୍ୱସ୍ତି

ବାଲେଶ୍ୱର, ୭।୪ (ସମିସ): ଗତ କିଛି ଦିନ ଧରି ସାରା ରାଜ୍ୟବାସୀ ଗରମରେ ସନ୍ତୁଳିତ ହୋଇଥିବା ବେଳେ ଏଥିରୁ ବାଲେଶ୍ୱର ମଧ୍ୟ ବାଦ୍ ପଡ଼ିନି। ଖରା ଗରମରେ ବାଲେଶ୍ୱରବାସୀ ମଧ୍ୟ ଛଟପଟ ହୋଇଛନ୍ତି। ଏମିତିକି ସକାଳୁଆ ସ୍କୁଲର ଛୁଟି ସମୟରେ ଖରାର ପ୍ରକୋପରୁ ସୁରକ୍ଷା ପାଇନାହାନ୍ତି ସ୍କୁଲ ପିଲା। ବାଲେଶ୍ୱର ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଗତ ଶୁକ୍ରବାର ଦିନରେ ବାଲେଶ୍ୱର ସହରର ତାପମାତ୍ରା ୩୯.୫ ଡିଗ୍ରୀ ରହିଥିବା ବେଳେ ଶନିବାର ଦିନ ୩୬.୭ ଡିଗ୍ରୀ ତାପମାତ୍ରା। ତେବେ ରବିବାର ଦିନ ବାଲେଶ୍ୱରରେ ପାଗ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ରବିବାର ଦିନ ୩୪.୫ ଡିଗ୍ରୀ ତାପମାତ୍ରା ରହିଥିଲା। ସମ୍ପୂର୍ଣ୍ଣ ଗରମ କମିନଥିଲେ ବି ପ୍ରଚଣ୍ଡ ଖରାରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି ସହରବାସୀଙ୍କୁ। ପାଗ କୋହଲା ସହ ସକାଳୁ ଝିପିଝିପି ବର୍ଷା ମଧ୍ୟ ହୋଇଥିଲା। ସେହିପରି ମଧ୍ୟାହ୍ନ ସମୟରେ ମଧ୍ୟ ସାମାନ୍ୟ ବର୍ଷା ଓ ଘଡଘଡି ହୋଇଥିଲା। ଯାହାଫଳରେ ଲୋକଙ୍କୁ ଟିକେ ଗୁଳୁଗୁଳିରୁ ଆଶ୍ୱସ୍ତି ଦେଇଥିଲା। ଏହାଦ୍ୱାରା ତାତିରୁ ଲୋକେ ସାମାନ୍ୟ ନିସ୍ତାର ପାଇଛନ୍ତି। ସନ୍ଧ୍ୟା ସମୟରେ ମଧ୍ୟ ବର୍ଷା ହୋଇଥିଲା।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଖୋଲିଲା ଜଳଛତ୍ର



ବାଲେଶ୍ୱର, ୭।୪(ସମିସ): ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ବର୍ତ୍ତମାନ ଅନୁଭୂତ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଣଶିକ୍ଷକ କର୍ମଚାରୀ ସଂଘ ଦ୍ୱାରା ଜଳଛତ୍ରର ଆୟୋଜନ କରାଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହାର ଶୁଭ ଉଦଘାଟନ କରିବା ସହ ସ୍ୱହସ୍ତରେ ପାନୀୟ ଜଳର ବଣ୍ଟନ କରିଥିଲେ। ଜଳର ସଂରକ୍ଷଣ ସହ ଗ୍ରୀଷ୍ମତାପରୁ ନିଜକୁ ସୁରକ୍ଷିତ ରହିବାକୁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି ଜଳ ବଣ୍ଟନରେ ସହଯୋଗ କରିଥିଲେ। ଏଥିସହ ଏହି କାର୍ଯ୍ୟକ୍ରମ ଗ୍ରୀଷ୍ମ ପ୍ରବାହ ଶେଷ ପର୍ଯ୍ୟନ୍ତ ଚାଲିବ ଓ ସ୍ୱେଚ୍ଛାକୃତ ଭାବେ ସମସ୍ତଙ୍କୁ ଏଥିରେ ଯୋଗଦେବା ସହ ଏହାକୁ ସଫଳ କରାଯିବ ବୋଲି ସଂଘର ସଭାପତି ଉପେନ୍ଦ୍ର ପ୍ରସାଦ ଜେନା ଓ ସମ୍ପାଦକ ପ୍ରଦୀପ କୁମାର ଗାଣ ସୂଚନା ଦେଇଛନ୍ତି।

## ମେଡିକାଲ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ

ବାଲେଶ୍ୱର, ୭।୪(ସମିସ): ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ପରିବର୍ଦ୍ଧିତ ଜିଲ୍ଲା କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ଓକିଲ ସଂଘର ନବନିର୍ବାଚିତ ସଭାପତି ରଘୁନାଥ ପ୍ରଧାନ, ସମ୍ପାଦକ ସମ୍ବିତ କୁମାର ନନ୍ଦୀ ଓ ଉପସଭାପତି ରଣଜିତ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କ୍ରିୟାନୁଷ୍ଠାନ କମିଟିର ପୂର୍ବତନ ସଭାପତି ସ୍ୱର୍ଗତ ଡ. ହରିଶ୍ଚନ୍ଦ୍ର ଜେନାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ବାଲେଶ୍ୱର ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଓ ଆନ୍ଦୋଳନରେ ବାଲେଶ୍ୱର ଜିଲ୍ଲାର ଓକିଲ ବନ୍ଧୁମାନଙ୍କ ସହଯୋଗ ଅବିସ୍ମରଣୀୟ ବୋଲି ସେ ପ୍ରକାଶ କରିଥିଲେ। ମେଡିକାଲ କଲେଜ ପ୍ରତିଷ୍ଠା ପରେ ବି ରୋଗୀମାନଙ୍କୁ ଆବଶ୍ୟକୀୟ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ବହୁ ତ୍ରୁଟି ରହିଛି। ସେ ସବୁର ସୁଧାର ଆଣି ସରକାରୀ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ନିକଟରେ ପହଁଚାଇବାକୁ ମିଳିତ ଏକତା ଓ ଗଣତାନ୍ତ୍ରିକ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ବହୁ ଉପସ୍ଥିତ କର୍ମକର୍ତ୍ତା ତଥା ବିଭିନ୍ନ ଗଣସଂଗଠନ ଓ ସାମାଜିକ ସଙ୍ଗଠନର ନେତାମାନେ କହିଥିଲେ। ଏହି ସଭାରେ କ୍ରିୟାନୁଷ୍ଠାନ କମିଟିର ପୂର୍ବତନ ସଭାପତି ପ୍ରଫେସର ଅନନ୍ତ ପ୍ରଧାନ ଓ ମମତା ମହାପାତ୍ରଙ୍କ ସମେତ କାର୍ଯ୍ୟକାରୀ ସଭାପତି ଇଂ. ହୃଷିକେଶ ସାହୁ, ଡ କେଶବ ଚରଣ ପଣ୍ଡା, ଇଂ. ବନମାଳୀ ନାୟକ, ନିରଞ୍ଜନ ରାଉତ, ମାୟାଧର ନାୟକ, ରଘୁନାଥ ଲେଙ୍କା, ଦୀପକ ବୋଷ, ଗିରିଜା ଶଙ୍କର ଦାସ, ରଘୁନାଥ ଲେଙ୍କା, ବିଧାନଚନ୍ଦ୍ର ରାୟ, ଶରତ ମହାପାତ୍ର, ପ୍ରଫୁଲ୍ଲ ଦାସ ଓ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦାମୋଦର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଜିଲ୍ଲାର ସ୍ୱାସ୍ଥ୍ୟସେବା ଓ ମେଡିକାଲ କଲେଜ ହସପିଟାଲର ସମସ୍ୟାଗୁଡ଼ିକ ସମାଧାନ ଦିଗରେ ପ୍ରଶାସନିକ ଅବହେଳା ଓ ଅଧିକାରୀମାନଙ୍କ ଆନ୍ତରିକତା ନଥିବାର ବହୁବକ୍ତା ମତ ପ୍ରକାଶ କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ରାଜନୈତିକ ଦଳମାନେ ଜିଲ୍ଲାର ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ଦିଗରେ ସେମାନଙ୍କ ଦଳୀୟ ଇସ୍ତାହାରେ ପ୍ରତିଶ୍ରୁତି ଦେବାକୁ ବୈଠକରେ ସର୍ବସମ୍ମତ ମତ ପ୍ରକାଶ ପାଇଥିଲା। ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ଦାବିରେ କ୍ରିୟାନୁଷ୍ଠାନ କମିଟି ଜିଲ୍ଲାବାସୀଙ୍କ ସହଯୋଗରେ ଚରମ ଆନ୍ଦୋଳନକୁ ଓହ୍ଲାଇବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। କ୍ରିୟାନୁଷ୍ଠାନ କମିଟିର କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ହିସାବ ଆଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସରସ୍ୱତୀ ପଣ୍ଡା, ସଂଯୁକ୍ତା ବେହେରା, ରବି କୁମାର ପାଣିଗ୍ରାହୀ, ଦୁଷ୍ମନ୍ତ କୁମାର ଦାସ, ଯୋଗେନ୍ଦ୍ର ମାହାର୍ଣ୍ଣା, ପଦ୍ମଲୋଚନ ଦତ୍ତ, ଯଶୋଦା ନନ୍ଦନ ଆଶ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ




ବାଲେଶ୍ୱର, ୭।୪(ସମିସ): ବାଲେଶ୍ୱର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ନବମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ପ୍ରଫୁଲ୍ଲ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମାନସ ରଞ୍ଜନ ବିଶ୍ୱାଳ ଯୋଗଦେଇ ଫ୍ୟାମିଲି ପେନସନ କିଭଳି ଭାବେ ଲାଗୁ ହେଲା ସେ ସମ୍ପର୍କରେ ମତ ଦେଇଥିଲେ। ଏହାସହ ବରିଷ୍ଠ ନାଗରିକମାନେ ନିଜର ଉତ୍ତମ ଜୀବନ ଶୈଳୀ ମାଧ୍ୟମରେ ସୁସ୍ଥ ଏବଂ ସୁଖି ରହିପାରିବେ ବୋଲି ମତ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସିନିୟର ସିଟିଜେନ ଆସୋସିଏସନ ଅଫ ଓଡ଼ିଶାର ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀମାନେ ନିଜକୁ ସବୁବେଳେ ନିୟୋଜିତ କରି ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିପାରିବା ପାଇଁ ଆହ୍ୱାନ ଦେବା ସହ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟ ବୀମା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସାଙ୍ଗଠନିକ ସମ୍ପାଦକ ବସନ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଧୁଭୂଷଣ ପ୍ରଧାନ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିଲେ। ଅକ୍ଷୟ କୁମାରୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ସମ୍ପାଦକ ନିରଞ୍ଜନ ପର୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା ସଂଘର ଆୟବ୍ୟୟ ବିବରଣୀ ପାଠ କରିଥିଲେ। ସଂଗଠନର ସଦସ୍ୟ ପ୍ରଶାନ୍ତ କୁମାର ପାଢ଼ୀ ମନ୍ତ୍ର ଉଚ୍ଚାରଣ କରିଥିଲେ। ସଦସ୍ୟ ହରିମୋହନ ମଲ୍ଲିକ, ଅମିତା ଦେ, ଗୋପାଳଚନ୍ଦ୍ର ବେହେରା ପ୍ରମୁଖ ଆବହନୀ ସଙ୍ଗିତ ଗାନ କରିଥିଲେ। ସ୍ଥାନୀୟ ପଞ୍ଜାବ ନେସନାଲ ବ୍ୟାଙ୍କ, ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ଓ ୟୁକୋ ବ୍ୟାଙ୍କର କ୍ଷେତ୍ରୀୟ ପ୍ରବନ୍ଧକ ତଥା ଅବସରପ୍ରାପ୍ତ କର୍ମଚାରୀ ସଂଘର ବାଲେଶ୍ୱର ଜିଲ୍ଲା ସଭାପତି ଇଂ. ବନମାଳୀ ନାୟକ, ସହାୟକର ସଭାପତି ପ୍ରଫେସର କ୍ଷିତେଶ୍ୱର ଦାଶ ଯୋଗଦେଇ ଉଦବୋଧନ ଦେଇଥିଲେ। ଶେଷରେ ସଙ୍ଗଠନର ଉପସଭାପତି ଶରତଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସାହିତ୍ୟିକ ଚନ୍ଦ୍ରମୋହନ ମହାରଣାଙ୍କ ଜୟନ୍ତୀ

ବାଲେଶ୍ୱର, ୭।୪(ସମିସ): ରେମୁଣା ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ ଚନ୍ଦ୍ରମୋହନ ମହାରଣାଙ୍କ ୧୫୪ତମ ଜୟନ୍ତୀ ସ୍ଥାନୀୟ ଗୌରୀଶଙ୍କର ମଣ୍ଡପ ଠାରେ ଡ. ନରୋତ୍ତମ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାହିତ୍ୟ ଏକାଡେମୀର ସଦସ୍ୟ ତଥା କବି କାଳୀପଦ ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ କବି କୁମାର ଗୋପାଲ ଯୋଗଦେଇଥିବା ବେଳେ ସମ୍ମାନିତ ବକ୍ତା ଭାବେ ଚନ୍ଦ୍ରମୋହନ ମହାରଣା ପୁସ୍ତକର ଲେଖିକା ମୁକ୍ତିଲତା ଆଇଚଙ୍କ ସହ ଆମ୍ବେଦକର କମିଟିର ପୃଷ୍ଟପୋଷକ ସୁଦର୍ଶନ ଜେନା ପ୍ରମୁଖ ଯୋଗଦେଇ ସେ ଥିଲେ ଶିକ୍ଷକ, କବି, ସାହିତ୍ୟିକ ଓ ବ୍ୟାକରଣ ଉପରେ ୩୫ଖଣ୍ଡ ପୁସ୍ତକ ରଚନା କରିଥିଲେ। ଯାହାକୁ ଓଡ଼ିଶା ସରକାର ସପ୍ତମ ଶ୍ରେଣୀ ପିଲାଙ୍କ ପାଠ୍ୟ ଖସଡାରେ ଅର୍ନ୍ତଭୁକ୍ତ କରିଥିଲେ ବୋଲି ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳ ସ୍ୱାଗତ ଭାଷଣ ଦେବା ସହିତ ଶିକ୍ଷକ ଗୌରାଙ୍ଗ ପଡ଼ିଆରୀ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଶେଷରେ ଶିକ୍ଷକ ପ୍ରଦୀପ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମାନନ୍ଦ ଦାଶ, ଚକ୍ରଧର ଦାସ, ପ୍ରଭାକର ସାହୁ, ରମେଶ ଚନ୍ଦ୍ର ମହାରଣା, ପଦ୍ମଲୋଚନ ପଣ୍ଡା, ଯୋଗେଶ ଚନ୍ଦ୍ର ବେହେରା, ପ୍ରମୋଦିନୀ ପରିଛା, ଅଜୟ ନାୟକ ପ୍ରମୁଖ ଯୋଗଦେଇଥିଲେ।



## ତୃପ୍ତିରାଣୀ ମାଇତିଙ୍କ କବିତା ପୁସ୍ତକ ଲୋକାର୍ପିତ

ବାଲେଶ୍ୱର, ୭।୪(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଶାନ୍ତିକାନନ ପରିସରରେ ତୃପ୍ତିରାଣୀ ମାଇତିଙ୍କ ଦୁଇଟି କବିତାଗ୍ରନ୍ଥ 'କବିତା ପାଖୁଡ଼ା' ଓ 'କବିତା କାନନ' ଉନ୍ମୋଚିତ ହୋଇଯାଇଛି। ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀଙ୍କ ପୌରୋହିତ୍ୟରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ଗବେଷକ ଡ. ଭାଗବତ ପ୍ରସାଦ ଦାସ ମୁଖ୍ୟ ଅତିଥି ଓ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପିକା ସୁଶ୍ରୀ ପ୍ରତୀଚୀ ନନ୍ଦ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ପୁସ୍ତକ ଦୁଇଟିର ଆଙ୍ଗିକ ଓ ଆତ୍ମିକ ଦିଗ ଉପରେ ଆଲୋକପାତ କରିଥିଲେ। କବୟିତ୍ରୀ ତୃପ୍ତିରାଣୀ ମାଇତି ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ସମ୍ପାଦକ ଦୀପକ ବୋଷ ପ୍ରାକବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଜ୍ୟୋସ୍ନା ରାୟ, ପ୍ରଭାକର ସାହୁ, ପଦ୍ମଲୋଚନ ପ୍ରଧାନ ଓ ବାସନ୍ତୀ ଦେ ପ୍ରମୁଖ ଲୋକାର୍ପିତ ହୋଇଥିବା ଦୁଇଟି କବିତାଗ୍ରନ୍ଥରୁ କିଛି କବିତା ଆବୃତ୍ତି କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଦେଇଥିଲେ। ଏହି ସଭାରେ ଡ. ଶିରୀଶ ଚନ୍ଦ୍ର ଜେନା, ତପନ ରାୟ, ନିବାରଣ ଜେନା, କରୁଣାକର ସ, ଦିନେଶ କୁମାର ନାଏକ, ନରେନ୍ଦ୍ରନାଥ ପାଣିଗ୍ରାହୀ, ପ୍ରଦୀପ ମିଶ୍ର, ପାୟଲ ପ୍ରଧାନ, ରାକେଶ ପ୍ରଧାନ, ସୁଷମା ମହାପାତ୍ର, ଦିଲ୍ଲୀପ ଚକ୍ରବର୍ତ୍ତୀ, ବସନ୍ତ ଦାସ, ରମାକାନ୍ତ ମହାନ୍ତି, ଶାନ୍ତିଲତା ପଣ୍ଡା, ତୃପ୍ତିରାଣୀ ପାତ୍ର ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।





## ଦୁର୍ଘଟଣାରେ ଦୁଇ ଗୁରୁତର

ଖନ୍ତାପଡ଼ା, ୭ ।୪(ସମିସ): ବାହାନଗା ବ୍ଲକ ଖନ୍ତାପଡ଼ା ଥାନା ନିକଟରେ ଥିବା ମା ଦାଣ୍ଡକାଳୀ ମନ୍ଦିର ସମ୍ମୁଖରେ ଆଜି ମଧ୍ୟାହ୍ନ ସମୟରେ ସଡ଼କ ଦୁର୍ଘଟଣା ଘଟିଥିଲା । ବାଲେଶ୍ୱରରୁ ଭଦ୍ରକ କୁ ଯିବା ଜାତୀୟ ରାଜପଥ ରେ ମନ୍ଦିର ନିକଟରେ ଏକ ଡମ୍ଫର ପୂଜା କରିବା ପାଇଁ ଛିଡା କରିଥିବା ବେଳେ ପଛରେ ଏକ ଟେମ୍ପୁ ଡମ୍ଫରକୁ ଆଗେଇ ଯିବା ସମୟରେ ପଛରେ ଥିବା ବାଇକ ପ୍ରଥମେ ଧକ୍କା ଦେଇଥିଲା ଟେମ୍ପୁ କୁ । ଟେମ୍ପୁ ଚାଳକ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା ଛିଡା ହୋଇଥିବା ଡମ୍ଫର କୁ ।ଦୁର୍ଘଟଣା ରେ ଟେମ୍ପୁ ର ସମ୍ମୁଖ ଭାଗ ଭାଙ୍ଗିଯାଇଥିବା ବେଳେ ବାଇକ ଆରୋହୀ ଦୁଇଜଣ ଗୁରୁତର ଥିବାର ସୂଚନା ମିଳିଛି । ଘଟଣା ସ୍ଥଳରେ ଗୁରୁତର ବାଇକ ଆରୋହୀ ଦୁଇ ଜଣ ସଂଜ୍ଞାହୀନ ହୋଇଯାଇଥିଲେ । ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ବାଇକ ଆରୋହୀ ଦୁଇଜଣ ଖନ୍ତାପଡ଼ା ଥାନା ପଦାଗାଁ ଅଞ୍ଚଳ ର ଜୟନ୍ତ ମହାରଣା (୩୨)ଓ ଦୀନବନ୍ଧୁ ମହାରଣା (୩୨)ବୋଲି ଜଣାପଡ଼ିଥିବା ବେଳେ ଡମ୍ଫର ଓ ଟେମ୍ପୁର କୌଣସି ପତ୍ତା ମିଳିପାରିନାହିଁ । ଖବର ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବାର ଜଣାପଡ଼ିଛି ।

## ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ

ସୋର, ୭।୪(ସମିସ): ସୋର ଥାନା ଖରିଦା ଛକ ନିକଟରେ ଥିବା ଟ୍ରକ ମାଲିକ ସଙ୍ଘ କାର୍ଯ୍ୟାଳୟରେ ପଶି ଗଣ୍ଡଗୋଳ କରିଥିବା ଘଟଣାରେ ସୋର ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ୫ ତାରିଖରେ ଖରିଦା ଗ୍ରାମର କାହ୍ନୁ ଚରଣ ରାଉତ ସଙ୍ଘ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କ ସହିତ ଗଣ୍ଡଗୋଳ କରିଥିଲା । ଏ ବାବଦରେ ସଙ୍ଘ ପକ୍ଷରୁ ସୋର ଥାନାରେ ଅଭିଯୋଗ ହେବା ପରେ ପୁଲିସ ୨୯୭/୨୪ରେ ଏକ ମାମଲା ରୁଜୁ କରି କାହ୍ନୁକୁ ଗିରଫ କରି ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିଲା । ତେବେ ଆଜି ଅପରାହ୍ନରେ କାହ୍ନୁ ସେଠାରେ ପହଞ୍ଚି ଟ୍ରକ ମାଲିକଙ୍କ ସହିତ ପୁଣି ଗଣ୍ଡଗୋଳ କରିଥିଲା । ମାଲିକଙ୍କ ନିକଟରୁ ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି କାହ୍ନୁକୁ ଗିରଫ କରିଥିଲେ । ସନ୍ଧ୍ୟାରେ ସୋର ଡାକ୍ତରଖାନାରେ ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି ।

## ଉଦୟପୁର ବେଳାଭୂମିରେ ବଜ୍ରପାତ, ୩ ଗୁରୁତର

ଚନ୍ଦନେଶ୍ୱର, ୭।୪(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଉପକୂଳବର୍ତ୍ତୀ ସୀମାନ୍ତ ସାହାବାଜିପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଉଦୟପୁର ବେଳାଭୂମିରେ ରବିବାର ବଜ୍ରପାତ ଯୋଗୁଁ ଜଣେ ସ୍ଥାନୀୟ ଯୁବକ ସହ ୨ ଜଣ ପର୍ଯ୍ୟଟକ ଗୁରୁତର ଆହତ ହୋଇଛନ୍ତି । ଅପରାହ୍ନରେ ଘଡ଼ଘଡ଼ି ସହ ବର୍ଷା ହେବାରୁ ସାହାବାଜିପୁର ଗାଁର ଯତୀନ୍ଦ୍ର ପଟ୍ଟାୟତଙ୍କ ପୁଅ ନଟିଆ ଓ ଦୁଇ ବଙ୍ଗୀୟ ପର୍ଯ୍ୟଟକ ସମୁଦ୍ର କୂଳରେ ଏକ ଦୋକାନରେ ବସିଥିବା ବେଳେ ବଜ୍ରପାତ ହୋଇଥିଲା । ଏଥିରେ ନଟିଆ ସମେତ ପଶ୍ଚିମବଙ୍ଗ ରାଜ୍ୟ ନଦୀଆ ଜିଲ୍ଲାର ୨ପର୍ଯ୍ୟଟକ ଗୁରୁତର ଆହତ ହୋଇ ସେଇଠି ଟଳି ପଡ଼ିଥିଲେ । ସମସ୍ତ ଆହତଙ୍କୁ ପୃଥକ ପୃଥକ ଭାବେ ଦୀଘା ହସ୍ପିଟାଲକୁ ନିଆଯାଇଥିବା ଜଣାପଡ଼ିଛି । ବଙ୍ଗୀୟ ପର୍ଯ୍ୟଟକଙ୍କ କୌଣସି ପରିଚୟ ମିଳିପାରିନାହିଁ ।

## ପାଟପୁର ୟୁଜି ୟୁପି ବିଦ୍ୟାଳୟରୁ ଚୋରି

ରାଜଘାଟ, ୭ ।୪ (ସମିସ): ବସ୍ତା ଥାନା ଅମର୍ଦ୍ଦାରୋଡ ଫାଣ୍ଡି ଅଧୀନ ପୁରୁଷୋତ୍ତମପୁର ପଞ୍ଚାୟତ ଅନ୍ତର୍ଗତ ପାଟପୁର ୟୁଜି ୟୁପି(ମଇ) ବିଦ୍ୟାଳୟରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଶନିବାର ଅମର୍ଦ୍ଦାରୋଡ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଛି । ଗତକାଲି ପୂର୍ବାହ୍ଣରେ ବିଦ୍ୟାଳୟ ଛୁଟି ପରେ ଶିକ୍ଷକ ଶିକ୍ଷୟିତ୍ରୀ ଯିବା ପରେ କାର୍ଯ୍ୟରତ ପିଅନ ସମସ୍ତ ଶ୍ରେଣୀ ଗୃହ ଓ ମୁଖ୍ୟ ଫାଟକରେ ତାଲା ପକାଇଥିଲେ । ମାତ୍ର ଆଜି ସକାଳ ସମୟରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ପହଞ୍ଚି ବିଦ୍ୟାଳୟର ୪ଟି ଶ୍ରେଣୀଗ୍ରହର ତାଲା ଭଙ୍ଗା ଯାଇ ଦୁଇଟି ଏଲସିଡି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଚୋରି ସମ୍ପର୍କରେ ପ୍ରଧାନ ଶିକ୍ଷକ ନାରାୟଣ କିସ୍କୁ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଅଜୟ କୁମାର ସାହୁ ଅମର୍ଦ୍ଦାରୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି । ଅଭିଯୋଗ ପାଇ ଫାଣ୍ଡି ଅଧିକାରୀ ସନ୍ଦୀପ କୁଜୁର ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଚଳାଇଛନ୍ତି । ଚୋରି ସଂକ୍ରାନ୍ତୀୟ ଏକକିତା ନକଲ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଯାଇଥିବା ପ୍ରଧାନଶିକ୍ଷକ ଶ୍ରୀ କିସ୍କୁ ସୂଚନା ଦେଇଛନ୍ତି ।

## ପ୍ରଧାନଶିକ୍ଷକଙ୍କ ପରଲୋକ

ଜଳେଶ୍ୱର ବ୍ଲକ, ୭।୪ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁରାମଚନ୍ଦ୍ରପୁର ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳିଚରଣ ମାରାଣ୍ଡିଙ୍କ ପରଲୋକ ହୋଇଛି । ସେ ବହୁ ଦିନ ପୂର୍ବରୁ ମଧୁମେହ ଓ କିଡ୍ନୀ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ । ବସ୍ତା ବ୍ଲକର ଗମ୍ଭାରିଆ ଗ୍ରାମର ଭରତ ମାରାଣ୍ଡିଙ୍କ ପୁତ୍ର କାଳିଚରଣ ମାରାଣ୍ଡି ଶୁକ୍ରବାର ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ହସପିଟାଲକୁ ନିଆ ଯାଇଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହି ଖବର ପାଇବା ମାତ୍ରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘ ଜିଲ୍ଲା ସମ୍ପାଦକ ରାଜୀବ ପାତ୍ର, ଉପସଭାପତି ନବ କୁମାର ସାହୁ, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ମଢେଇ, ଉପଦେଷ୍ଟା ଅଜୟ କୁମାର ଗିରି ତାଙ୍କ ବାସଭବନରେ ଉପସ୍ଥିତ ହୋଇ ସ୍ୱର୍ଗତ ମାରାଣ୍ଡିଙ୍କ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।ପରେ ବାଲେଶ୍ୱର ଜିଲ୍ଲା ମଙ୍ଗଳ ଅଧିକାରିଣୀ ବିଦ୍ୟୁତ ଲତା ମହାପାତ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ଓ ମୁଖ୍ୟ କିରାଣୀ ଅଞ୍ଜଳି କୁଣ୍ଡ ପ୍ରମୁଖ ଉପସ୍ଥିତି ହୋଇ ଦିବଂଗତ ଆତ୍ମାର ସଦଗତି କାମନା କରିବା ସହିତ ସ୍ୱର୍ଗତ ପରିବାରକୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା କରିଥିଲେ ।

# ଚନ୍ଦନେଶ୍ୱର ପୀଠରେ ଷଷ୍ଠ ଅର୍ଘ୍ୟ ସମ୍ପନ୍ନ

ଚନ୍ଦନେଶ୍ୱର, ୭।୪ (ସମିସ) :



**ସୋମବାର ୫ମ ଅର୍ଘ୍ୟରେ ପୂର୍ଣ୍ଣ ସୂର୍ଯ୍ୟପରାଗ**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ହୁଗୁଳି ପଞ୍ଚାୟତରେ ଜଳଯନ୍ତ୍ର ଭାବେ ପୂଜିତ ପୂର୍ବ ଭାରତ ପ୍ରସିଦ୍ଧ ଆଶୁତୋଷ ବାବା ଚନ୍ଦନେଶ୍ୱର ମହାଦେବଙ୍କ ପବିତ୍ର ଚଡ଼କ ପର୍ବର ୬ଷ୍ଠ ଅର୍ଘ୍ୟ ଯଥାରୀତି ସମାପନ ହୋଇଛି । ଗତ ସୋମବାର ଏହି ପର୍ବର ଶୁଭାରମ୍ଭ ହୋଇଥିଲା ବେଳେ ଆସନ୍ତା ୧୧ ତାରିଖ ଗୁରୁବାର ମହାନୀଳ ପର୍ବ ଓ ୧୨ ତାରିଖ ଶୁକ୍ରବାର ବାର ପାଟପର୍ବ ଅନୁଷ୍ଠିତ ହେବ । ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ଉପବୀତ ଧାରଣ କରିବା ନେଇ ପୂର୍ବରୁ ଆକଳନ କରାଯାଇଥିଲା ବେଳେ ରବିବାର ଷଷ୍ଠ ଅର୍ଘ୍ୟ ସମାପନ ପର୍ଯ୍ୟନ୍ତ ମାତ୍ର ୭ ହଜାର ଭକ୍ତ ଉପବୀତ ଧାରଣ କରିଛନ୍ତି ବୋଲି ଟ୍ରଷ୍ଟ ବୋର୍ଡ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।
ସୋମବାର ଏପ୍ରିଲ୍ ୮ରେ ମହାକାଶରେ ମହାଜାଗତିକ ଘଟଣା ପୂର୍ଣ୍ଣ ସୂର୍ଯ୍ୟପରାଗ, ଭାରତରେ ଦୃଶ୍ୟମାନ ହେଉନଥିବାରୁ ଭକ୍ତମାନେ ଉପବିତ ଧାରଣ କରିପାରିବେ ବୋଲି ମନ୍ଦିରର ମୌରସୀ ତପନ କୁମାର ପଣ୍ଡା, ଉପମୌରସୀ ବୁଦ୍ଧଦେବ ପଣ୍ଡା, ପାଟଭକ୍ତ ହରିଶ ଚନ୍ଦ୍ର ସାହୁଙ୍କ ତରଫରୁ ମନ୍ଦିର ପରିସରରେ ଥିବା ଡ଼ାକବାଜି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି । ଆସନ୍ତାକାଲି ୫ମ ଅର୍ଘ୍ୟ ରହିଛି । ଏହି ୫ମ ଅର୍ଘ୍ୟରେ ଉପବୀତଧାରୀଙ୍କ ସଂଖ୍ୟା ୩୦ହଜାର ଅତିକ୍ରମ କରିବ ବୋଲି କୁହାଯାଇଛି । ଏହାବ୍ୟତୀତ ମହାନୀଳ ପର୍ବ ଓ ପାଟପର୍ବରେ ୧୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି । ଏ ନେଇ ସମସ୍ତ ପ୍ରସ୍ତୁତିକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମନ୍ଦିର ପରିସର ଓ ବାହାର ସଫେଇ, ବ୍ୟାରିକେଡ଼ ନିର୍ମାଣ, ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା, ସାଜସଜ୍ଜା, ଅସ୍ଥାୟୀ ଶିବିର, ପାନୀୟଜଳ, ଗାଡି ପାର୍କିଂ ବ୍ୟବସ୍ଥା ଆଦି କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି । ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା ବେଳେ ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଭୋଗରାଇ, ତହସିଲଦାର ହିମାଂଶୁ ଶେଖର ଗିରି, ସୁପରଭାଇଜର ବରେନ୍ଦ୍ର ପ୍ରହରାଜ, ମୌରସି ତପନ ପଣ୍ଡା, ଉପମୌରସୀ ବୁଦ୍ଧଦେବ ପଣ୍ଡା, ସେବାୟତ ସମେତ ବହୁ ଭକ୍ତ ୬ଷ୍ଠ ଅର୍ଘ୍ୟରେ ସମୟରେ ଉପସ୍ଥିତ ଥିଲେ । ପ୍ରଶାସନର କଟକଣା ଯୋଗୁଁ ପଶ୍ଚିମବଙ୍ଗର ବ୍ୟବସାୟୀ ମାନେ ଫେରିଯାଉଥିବା ଦେଖିବାକୁ ମିଳିଛି । ପାଟଭକ୍ତ ହରିଶ ଚନ୍ଦ୍ର ସାହୁ, ଶ୍ରୀବେକିଡି ନିରଞ୍ଜନ ଲେଙ୍କା, ଦେଉଳିଆ ଭକ୍ତ ଅଜିତ କୁମାର ପାତ୍ରଙ୍କ ସମେତ ୧୩ ଜଣ ସ୍ଥାୟୀ ଉପବୀତଧାରୀ ଭକ୍ତ ଚନ୍ଦନେଶ୍ୱର ମନ୍ଦିରରେ ଯଥାବିଧି ପୂଜାର୍ଚ୍ଚନା ସହିତ ବେକଡା ନୃତ୍ୟ ପରିବେଷଣ କରିଥିଲେ । ପରେ ୬ଷ୍ଠ ଅର୍ଘ୍ୟଦାନ ହୋଇଥିଲା ।

# ଓଷ୍ଟା ରାଜ୍ୟ ସଭାପତିଙ୍କ ଶିକ୍ଷକତାରୁ ଅବସର ଗ୍ରହଣ



ଜଳେଶ୍ୱର ବ୍ଲକ, ୭।୪(ସମିସ): ଜଳେଶ୍ୱର ଗୋଷ୍ଠୀଶିକ୍ଷାଜିଲାର ରାଇବଣିଆ ଥାନା ଅନ୍ତର୍ଗତ ମୁଣ୍ଡୁଣିଆସ୍ଥିତ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷକ ତଥା ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ଅବସରକାଳୀନ ସଭା ଅନୁଷ୍ଠିତ ହୋଇ ଯାଇଛି । ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକୁମାର ପ୍ରଧାନ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ରଖିଥିଲେ । ମୁଖ୍ୟ ଅତିଥିଭାବେ ଓଷ୍ଟାର ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ଦାସ ଯୋଗଦେଇ ଓଷ୍ଟା କେବଳ ବିଦ୍ୟାଳୟର ଚାରିକାନ୍ଥ ମଧ୍ୟରେ ସୀମିତି ନ ରହି ଶିକ୍ଷକ, କର୍ମଚାରୀ, ଶିକ୍ଷାନୁଷ୍ଠାନ, ଶିକ୍ଷାନିତୀ, ଅଭିଭାବକ, ଛାତ୍ରଙ୍କ ଲାଗି ସଂଗ୍ରାମ କରି ଆସୁଥିବା କହିଥିଲେ । ମୁଖ୍ୟବକ୍ତାଭାବେ ଏଆଇଏସ୍ଏଫର ରାଜ୍ୟ ସଭାପତି ସଂଘମିତ୍ରା ଜେନା ଯୋଗଦେଇ ଅକ୍ଷୟ ମିଶ୍ରଙ୍କ ଜୀବନରେ ନ୍ୟାୟ ପାଇଁ ସଂଗ୍ରାମ ଶିକ୍ଷକ ସଂଘକୁ ଅଧିକ ବୁଦ୍ଧିମନ୍ତ କରିଛି । ତେଣୁ ଶିକ୍ଷକ, ଶିକ୍ଷା ବିକାଶର ଦ୍ରାଘୀମାରେଖା ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟା ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରକାଶଚନ୍ଦ୍ର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ଇନ୍ଦୁମାଧବ ମହାନ୍ତି, ଜିଲା ସଭାପତି ମନୋରଞ୍ଜନ ଦାସ, ସମ୍ପାଦକ ବିଜୟ ପାତ୍ର, ଶଶାଙ୍କଶେଖର ମହାନ୍ତି, ବ୍ଲକ ସଭାପତି ସୁକୁମାର ମିଶ୍ର, ସମ୍ପାଦକ ଡ. ଅଜିତ୍ ମହାନ୍ତି, ଜିଲା କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ରବିକାଶ ପାତ୍ର, ଅଶୋକ ମହାପାତ୍ର, ବ୍ରଜକିଶୋର ବିଶ୍ୱାଳ, ମନ୍ମଥ ଖାଟୁଆ, ଛାତ୍ରସଂଘ ସଭାପତି ଚନ୍ଦନ ଖଟୁଆ, ସନ୍ଦିପ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଅକ୍ଷୟ ମିଶ୍ରଙ୍କ ଜୀବନସଂଗ୍ରାମ ସମ୍ପର୍କରେ ପ୍ରକାଶ କରି ରୁଟିନ୍‌ଗତ ଶିକ୍ଷକତା ଜୀବନ ଶେଷ ହୋଇଥିବା ବେଳେ ଭକ୍ତକବି ଦିନକୃଷ୍ଣ ଦାସଙ୍କ ମାଟିରୁ ସେ ସାମାଜିକ ଜୀବନର ସୂର୍ଯ୍ୟୋଦୟ ହେବ ବୋଲି କହିଥିଲେ ।

## ନଦୀଗାଁ ବାବା ନନ୍ଦିକେଶ୍ୱର ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ସୋର, ୭।୪(ସମିସ): ସୋର ବ୍ଲକ ନଦୀଗାଁ ଗ୍ରାମର ବାବା ନନ୍ଦିକେଶ୍ୱରଙ୍କ ୩ ଦିନିଆ ବିଶ୍ୱଶାନ୍ତି ମହାଯଜ୍ଞ ଆଜି ଉଦଯାପିତ ହୋଇଯାଇଛି । ଏହି ବିଶ୍ୱ ଶାନ୍ତି ମହାଯଜ୍ଞ ଦୀର୍ଘ ୪୭ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଶ୍ରୀ ଶ୍ରୀ ନନ୍ଦିକେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ହୋଇ ଆସୁଛି । ଏହି ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଶୁକ୍ରବାର ଦିନ ଅଧିବାସ କରାଯାଇଥିଲାବେଳେ ଶନିବାର ଦିନ ଯଜ୍ଞ କାର୍ଯ୍ୟ ସକାଳ ଅମୃତ ବେଳାରୁ ଆରମ୍ଭ ହୋଇ ରବିବାର ଦିନ ପୂର୍ଣ୍ଣାହୂତି ଦିଆଯାଇ ବିଳମ୍ବିତ ରାତିରେ ଯଜ୍ଞ ସମାପନ ହୋଇଥିଲା । ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଏହି ଯଜ୍ଞରେ ଉପସ୍ଥିତ ରହି ନିଜର ମାନସିକ ପୂରଣ ନିମନ୍ତେ ଯଜ୍ଞରେ ଅର୍ଘ୍ୟ ଅର୍ପଣ କରିଥିଲେ । ଶ୍ରୀ ଶ୍ରୀ ନନ୍ଦିକେଶ୍ୱରଙ୍କ ମୁଖ୍ୟ ପୂଜକ ହୃଷିକେଶ ମିଶ୍ର ଓ କାଶୀନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଆଚାର୍ଯ୍ୟ ଗଙ୍ଗାଧର ତ୍ରିପାଠୀ ଏହି ଯଜ୍ଞ କାର୍ଯ୍ୟ ତୁଲାଇଥିଲେ । ଅନ୍ୟ ଆଚାର୍ଯ୍ୟ ଓ ପୂଜକ ପୀତାମ୍ବର ଦାଶ, ରବୀନ୍ଦ୍ର ପଣ୍ଡା, ଅଶୋକାନନ୍ଦ ଦାଶ, ସୁଶାନ୍ତ ମିଶ୍ର, ପ୍ରାଣବନ୍ଧୁ ପଣ୍ଡା, ଶରତ ଚନ୍ଦ୍ର ପଣ୍ଡା ଓ ଜଗନ୍ନାଥ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନାରେ ସହଯୋଗୀ ଭାବରେ କାର୍ଯ୍ୟ ତୁଲାଇଥିଲେ । ନଦୀଗାଁ ଗ୍ରାମ ସମେତ ଆଖପାଖ କୁଢ଼େଇ, ଦଳସିଂପାଟଣା, କାନପୁର, ଗଂଜ, ଗୁହାଳଡିହ, ବିଲବାଙ୍କିଆ, ମଧୁସୂଦନପୁର ଆଦି ଗ୍ରାମରୁ ଶତାଧିକ ସଂଖ୍ୟକ ଶ୍ରଦ୍ଧାଳୁ ଏହି ଯଜ୍ଞ ରେ ଉପସ୍ଥିତ ରହିଥିବାର ଦେଖାଯାଇଥିଲା ।

## ପୁରାତନ ଛାତ୍ର ସଂସଦର ବୈଠକ

ସୋର, ୭।୪(ସମିସ): ସୋର ବ୍ଲକ ମାଣିପୁରର ମଧୁବନ ବିଦ୍ୟାମନ୍ଦିରର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପୁରାତନ ଛାତ୍ରସଂସଦ ଆନୁକୂଲ୍ୟରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ କରିବା ଉଦ୍ଦେଶ୍ୟରେ ପ୍ରଥମ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ସେଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶତାଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ପୁରାତନ ଛାତ୍ର ସଂସଦ ସଭାପତି ଯଦୁନାଥ ଯଶମୁଖ ସ୍ୱାଗତ ଭାଷଣ ଦେଇଥିବାବେଳେ ମାଣିପୁର ଗ୍ରାମପଞ୍ଚାୟତ ସରପଞ୍ଚ ସରୋଜ କୁମାର ମହାପାତ୍ର, ଦୟାନିଧି ପ୍ରଧାନ, ସତ୍ୟନାରାୟଣ ଦାସ, କାମିନୀକାନ୍ତ ସାହୁ, ଉଦୟ ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ଜେନା ପ୍ରମୁଖ ଯୋଗଦେଇ ୧୯୭୫ରେ ପ୍ରତିଷ୍ଠିତ ଉକ୍ତ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ୨୦୨୪ ଡିସେମ୍ବର ଶେଷ ସପ୍ତାହରେ ପାଳନ କରିବାକୁ ସ୍ଥିର କରାଯାଇଥିଲା । ଏଥିନିମନ୍ତେ ଏକ ସୁବର୍ଣ୍ଣ ଜୟନ୍ତୀ କମିଟି ଗଠନ କରାଯାଇଛି । ଏଥିରେ ଯଦୁନାଥ ଯଶମୁଖ ସଭାପତି, ରବୀନ୍ଦ୍ରନାଥ ନାୟକ ସମ୍ପାଦକ ଏବଂ ପ୍ରଦୀପ କୁମାର ସାହୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି । ଅମରେଶ କର ଧନ୍ୟବାଦ ଅର୍ପଣ କରିଥିବା ବେଳେ ନିହାର ରଞ୍ଜନ ପାତ୍ର, ଶଙ୍କର୍ଷଣ ସାହୁ ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ । ୨୧ ତାରିଖରେ ପରବର୍ତ୍ତୀ ବୈଠକରେ ସବିଶେଷ ନିଷ୍ପତ୍ତି ଯାଇଯିବା ପାଇଁ ସ୍ଥିର ହୋଇଛି । ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରଛାତ୍ରୀ ଏହି ବୈଠକରେ ସାମିଲ ହେବାପାଇଁ ସଭାପତି ଓ ସମ୍ପାଦକ ଅନୁରୋଧ ଜଣାଇଛନ୍ତି ।

**ମିଶନ ଶକ୍ତି ଦେଇଛି ସ୍ୱତନ୍ତ୍ର ପରିଚୟ**

# ମୁଢ଼ି ଓ ଚାଉଳ ଭଜା ଦେଉଛି ରୋଜଗାର

ବାଲେଶ୍ୱର(ଉତ୍ତର), ୭।୪(ସମିସ) :



କଥାରେ ଅଛି ଇଚ୍ଛା ଥିଲେ ବୁଦ୍ଧି ମନକୁ ମନ ମିଳିଥାଏ । ଆଉ ଲକ୍ଷ୍ୟ ସ୍ଥିର କରି କର୍ମ କଲେ ନିଶ୍ଚିତ ସଫଳତା ମିଳେ । ଏହି ଭଳି ଘରୁ ଗୋଡ଼ କାଢ଼ିଥିବା କେତେଜଣ ମହିଳା ମିଳିତ ଭାବେ ନିଷ୍ପତ୍ତି ନେଇ ଆଜି ରୋଜଗାରକ୍ଷମ ହୋଇପାରିଛନ୍ତି । ଆଉ ସେମାନଙ୍କୁ ବାଟ ଦେଖାଇଛି ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନା । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗୁନାଇବସାଣ ପଞ୍ଚାୟତ ଜାମଡ଼ା ଗାଁର ମହିଳା ମାନେ ଏବେ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ।
ପ୍ରକାଶ ଯୋଗ୍ୟ ଯେ, ଦିନେ ଯେଉଁ ମହିଳା ମାନେ ପଦାକୁ ବାହାରିବାକୁ ସୁଯୋଗ ପାଉ ନଥିଲେ, ଆଜି ସେମାନେ ପରିବାର ପାଇଁ ବୋଝ ହୋଇ ରହିନାହାନ୍ତି । ରାଜ୍ୟ ସରକାରଙ୍କ ମିଶନ ଶକ୍ତି ସେମାନଙ୍କୁ ଶକ୍ତି ଓ ସାମର୍ଥ୍ୟ ତଥା ସମ୍ମାନ ଦେବାର ସୁଯୋଗ ଦେଇଛି । ଏହି ଗାଁର ଦରିଦ୍ର ସୀମାରେଖା ତଳେ ଥିବା ପରିବାରର ମହିଳାମାନେ ସେହି ସୁଯୋଗ ହାସଲ କରି ସମ୍ମିଳିତ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀ ଗଢ଼ିବା ସହିତ ପାରମ୍ପରିକ ପଦ୍ଧତିରେ ଚାଉଳରୁ ମୁଢି ପ୍ରସ୍ତୁତ କରିବା ସହ, ହଳଦୀ ଗୁଣ୍ଡ, ବିଭିନ୍ନ ପ୍ରକାରର ମସଲା ଗୁଣ୍ଡ ଏବଂ ମସଲା ମୁଢ଼ି ପ୍ରସ୍ତୁତ କରିବା ଏବଂ ତାକୁ ବିକ୍ରି କରି ଅର୍ଥ ରୋଜଗାର କରିପାରୁଛନ୍ତି । ଆଉ ସେହି ରୋଜଗାର ରେ ମହିଳା ମାନେ ନିଜ ପରିବାରର ଆର୍ଥିକ ଅବସ୍ଥା କୁ ସ୍ୱଚ୍ଛଳ କରିପାରିଛନ୍ତି । ୨୦୧୧ ମସିହାରେ ଏହି ଗାଁର ପ୍ରଥମେ ୨୨ ଜଣ ମହିଳା ମିଳିତ ହେଲେ । ଆଉ ମିଶନ ଶକ୍ତି ଜରିଆରେ ୨ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ଅର୍ଥ ସଞ୍ଚୟ ଆରମ୍ଭ କଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଗାଁ ରେ ଆଉ କେତେକ ଗୋଷ୍ଠୀ ମିଶି ଗାୟତ୍ରୀ ସି ଏଲ ଏଫ ଗଠନ କଲେ । ଏହା ମାଧ୍ୟମରେ ବ୍ୟାଙ୍କରୁ ବିନା ସୁଧ ରେ ଋଣ ଆଣି ରୋଜଗାର କରିବା ଲକ୍ଷ୍ୟ ନେଇ ୨୦୨୩ ମସିହାରେ ପ୍ରଥମେ ହଳଦୀ ଗୁଣ୍ଡ ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ । ପରେ ପରେ ଚାଉଳ ରୁ ମୁଢି ପ୍ରସ୍ତୁତ କରି ବିକ୍ରି କଲେ । ହେଲେ ପ୍ରସ୍ତୁତ ହେଉଥିବା ଉତ୍ପାଦନ ଗୁଡିକର ସେତେଟା ବିକ୍ରିବଟାର ସୁବିଧା ନ ହେବାରୁ ସେମାନଙ୍କୁ ଅଶାନୁରୂପକ ରୋଜଗାର ମିଳିଲା ନାହିଁ । ତେଣୁ ଅଧିକ ରୋଜାଗାର ପାଇଁ ସେଥି ମଧ୍ୟରୁ ୨୦ ଜଣ ମହିଳା ମିଶି ୨୦୨୪ ମସିହାରେ ପୁଣି କାଳିମାତା ଉତ୍ପାଦିକା ଗୋଷ୍ଠୀ ଗଠନ କଲେ । ସେହି ଗୋଷ୍ଠୀ ମାଧ୍ୟମରେ ମିଶନ ଶକ୍ତି ଜରିଆରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଗ୍ରହଣ କରିବା ସହ ମିଶନ ଶକ୍ତି ବଜାର ଜରିଆରେ ପ୍ରସ୍ତୁତ ଉତ୍ପାଦନ ଗୁଡ଼ିକର ବିକ୍ରି କରିବାର ସୁଯୋଗ ମିଳିଲା । ତେଣୁ ଆହୁରି ଉନ୍ନତ ମାନର ମସଲା ଗୁଣ୍ଡ, ଏବଂ ଶୁଖିଲା ଖାଦ୍ୟ ପ୍ରସ୍ତୁତ କରି ଏବେ ସ୍ଥାନୀୟ ମାର୍କେଟ ଓ ମିଶନ ଶକ୍ତି ବଜାରରେ ବିକ୍ରି କରି ସେଥିରୁ ଭଲ ଦି ପଇସା ରୋଜଗାର କରିପାରୁଥିବା ମା' କାଳୀ ଉତ୍ପାଦିକା ଗୋଷ୍ଠୀ ସଭାନେତ୍ରୀ ସ୍?ର୍ଣ୍ଣଲତା ବେହେରା, ସମ୍ପାଦିକା ଜୟନ୍ତୀ ବେହେରା ପ୍ରକାଶ କରିଛନ୍ତି । ବଜାରରେ ଏବେ ମୁଢ଼ି, ହଳଦୀ ଗୁଣ୍ଡ ଓ ମସଲା ମୁଢ଼ିର ଅଧିକ ଚାହିଦା ଥିବାରୁ ଏହାକୁ ମାଧ୍ୟମ କରି ମହିଳା ମାନେ ଭଲ ବ୍ୟବସାୟ କରିଆସୁଛନ୍ତି । ଆଉ ଯେବେଠୁ ମହିଳା ମାନେ ଏହି ବ୍ୟବସାୟ ଆରମ୍ଭ କରିଛନ୍ତି ସେବେ ଠାରୁ ସେମାନେ ପରିବାର ଉପରେ ନିର୍ଭର ନ କରି ନିଜର ଖର୍ଚ୍ଚ ସହ ପରିବାରର ଖର୍ଚ୍ଚ ମଧ୍ୟ ତୁଲାଇ ପାରୁଛନ୍ତି । ତେବେ ଏହି ସବୁ ସାମଗ୍ରୀ ସମ୍ପର୍କରେ ପ୍ରଚାର ପ୍ରସାର ହେବା ପରେ ଏବେ ଏହାର ଚାହିଦା ମଧ୍ୟ ବଢ଼ିଛି, କାରଣ ହାତ ତିଆରି ମୁଢି ହେଉ କିମ୍ବା ଘରେ ପ୍ରସ୍ତୁତ ହଳଦୀ ଗୁଣ୍ଡ କି ମସଲା ମୁଢ଼ି ଏହା ଲୋକଙ୍କର ଅଧିକ ପସନ୍ଦ ହୋଇ ଥିବାରୁ ଚାହିଦା ମଧ୍ୟ ଅଧିକ ରହିଛି ।ଆଉ ଏଥିରୁ ଜଣ ପିଛା ମାସକୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର ମିଳିପାରୁଛି ବୋଲି ଗୋଷ୍ଠୀ ର ସଦସ୍ୟା ସନ୍ଧ୍ୟାରାଣୀ ରାଣୀ ପାତ୍ର ଓ ସ୍ୱର୍ଣ୍ଣଲତା ପାତ୍ର କହିଛନ୍ତି । ଅନ୍ୟପକ୍ଷରେ ବର୍ତ୍ତମାନ ସରକାର ମିଶନ ଶକ୍ତି ଓ ଓଡ଼ିଶା ଜିବିକା ମିଶନ ମାଧ୍ୟମରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ସହାୟତା ଯୋଗଇ ଆସୁଥିବା ବେଳେ ମହିଳା ମାନଙ୍କର ଉତ୍ପାଦନ ସାମଗ୍ରୀକୁ ଯଦି ସ୍ଥାନୀୟ ବ୍ଲକ ପରିସରରେ ଏକ ମିଶନ ଶକ୍ତି ବଜାର ଖୋଲା ଯାଇ ତା ମାଧ୍ୟମରେ ଯଦି ସଂଗ୍ରହ କରାଯାଏ ତେବେ ସେମାନଙ୍କୁ ଆଉ ୧୦୦ କିମି ଦୂର ବାଲେଶ୍ୱର ପର୍ଯ୍ୟନ୍ତ ଯାଇ ଅଧିକ ଖର୍ଚ୍ଚାନ୍ତ ହେବା କୁ ପଡ଼ନ୍ତା ନାହିଁ । ଏହା ଦ୍ୱାରା ମହିଳା ମାନେ ଅଧିକ ସଞ୍ଚୟ କରିବା ସହ ସମୟ ମଧ୍ୟ ଅପଚୟ ହୁଅନ୍ତା ନାହିଁ ବୋଲି ଏମବିକେ ସଂଯୁକ୍ତା ମଣ୍ଡଳ କହିଛନ୍ତି ।

## ନଟାକଟାରେ ଖୋଲିଲା ଜଳଛତ୍ର



ରାଜଘାଟ, ୭ ।୪ (ସମିସ): ବିଗତ କିଛି ଦିନ ଧରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ପ୍ରଚଣ୍ଡ ଖରା ସାଙ୍ଗକୁ ଭୀଷଣ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ଏଣୁ ଜଳକଷ୍ଟର ଆବଶ୍ୟକତାକୁ ଉପଲବ୍ଧି କରି ବସ୍ତା ବ୍ଲକ ନଟାକଟା ପଞ୍ଚାୟତ ଅନ୍ତର୍ଗତ ଅମର୍ଦ୍ଦାରୋଡ ଗେଟବଜାର ଅନତି ଦୂରରେ ମା' କେନ୍ଦୁବାସୁଳି ସେବାସମିତି ପକ୍ଷରୁ ରବିବାର ଏକ ଛଳଛତ୍ରର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଉଦ୍ୟୋକ୍ତା ଉମେଶ ଚନ୍ଦ୍ର ଭୂୟାଁ ଓ ଚିନ୍ମୟ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ସରପଞ୍ଚ ପ୍ରତିନିଧି ତଥା ପୂର୍ବତନ ଜିଲା ପରିଷଦ ସଦସ୍ୟ ଶମ୍ଭୁନାଥ ସେଠୀ, ସମ୍ମାନିତ ଅତିଥି ସମିତି ସଭ୍ୟା ପ୍ରତିନିଧି ଗଣେଶ ଚାନ୍ଦ, ଅବସରପ୍ରାପ୍ତ ଶିକ୍ଷକ ଅଶ୍ୱିନୀ କୁମାର ହାତୀ ଯୋଗ ଦେଇ ମିଳିତ ଭାବେ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ । ଦିପେଶ ପାଳ, ପୂର୍ଣ୍ଣଚନ୍ଦ୍ର ସେଠୀ, ଦୀନବନ୍ଧୁ ସେଠୀ, ବେଣୁଧର ଦାସ, ବଂଶୀଧର ଦାସ, ମଧୁସୂଦନ ପଣ୍ଡିତ, ରାଜେଶ ରାଉଳ, ନିଶାନ୍ତ କୁମାର ମଣ୍ଡଳ, ନିମାଇଁ ଚରଣ ପଣ୍ଡିତ, ଉବେଶ ଦାସ, ଅମିତ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

# ବସ୍ତାରେ ମାତିଛନ୍ତି ଲୁଟେରା; ଆଉ ଏକ ଗହଣା ଦୋକାନରୁ ଲୁଟ୍

ବସ୍ତା, ୭।୪ (ସମିସ):

ବାଲେଶ୍ୱର ଜିଲ୍ଲା ବସ୍ତା ଓ ସିଂଲା ଥାନା ସୀମାନ୍ତରୁ ଶନିବାର ଦୁର୍ବୃତ୍ତମାନେ ଜନୈକ ଗହଣା ଦୋକାନୀକୁ ଟାର୍ଗେଟ କରି ରାସ୍ତାରେ ଦୋକାନୀ ଉପରକୁ ଦୁଇ ରାଉଣ୍ଡ ଗୁଳି ମାରି ଗାଡ଼ି ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ରୁପା ନେଇ ଦୃତ ଗତିରେ ଫେରାର ହେବାର ୧୨ ଘଣ୍ଟା ନ ପୁରଣୁ ବସ୍ତା ଥାନା ଅନ୍ତର୍ଗତ ବସ୍ତା ବ୍ଲକ ରୋଡ ରେ ଥିବା ଏକ ଗହଣା ଦୋକାନ ରୁ ଦୁର୍ବୃତ୍ତ ମାନେ ସୁନା ରୁପା ଅଳଙ୍କାର ଓ ଟଙ୍କା ଥିବା ବ୍ୟାଗ କୁ ନେଇ ପଳାଇବା ଘଟଣା ବସ୍ତା ରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଗୁଳି କାଣ୍ଡ ଘଟଣାକୁ ୨୪ ଘଣ୍ଟା ବିତି ଯାଇଥିବା ପରେ ମଧ ପୁଲିସ ଅପରାଧୀ କୁ ଧରିବାରେ ବିଫଳ ହୋଇ ଥିବା ବେଳେ ପୁଣି ଗହଣା ଦୋକାନରୁ ଲୁଟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ଉଠିଛି।
ଶନିବାର ସିଂଲା ଥାନା ଅନ୍ତର୍ଗତ ନାଇକୁଡି ଗ୍ରାମର କାହ୍ନୁ ଚରଣ କାମିଲା ଘରକୁ ଫେରୁ ଥିବା ବେଳେ ୫ ଜଣ ଦୁର୍ବୃତ୍ତ ତାଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇ ତାଙ୍କ ଗାଡ଼ି ଡିକି ଭାଙ୍ଗି ସୁନା ରୁପା ଅଳଙ୍କାର ଲୁଟି ପକାଇ ଥିଲେ। ସେହିପରି ରବିବାର ବସ୍ତା ବ୍ଲକ ରୋଡରେ ଗୌରବ ରଣା ଙ୍କ ସୁଭଦ୍ରା ଜୁଏଲାରୀ ନାମରେ ଏକ ଛୋଟ ଦୋକାନ ରହିଛି। ସବୁଦିନ ରାତିରେ ସେ ତାଙ୍କ ଦୋକାନରେ ଥିବା ଅଳଙ୍କାର ଘରକୁ ନେଇ ଯାଆନ୍ତି। ସକାଳେ ସବୁଦିନ ପରି ଦୋକାନ ଖୋଲି ବ୍ୟାଗକୁ ଦୋକାନ ଭିତରେ ରଖି ପାଣି ଆଣିବାକୁ ଯାଇଥିବା ବେଳେ ସ୍ପଷ୍ଟ ଦିବାଲୋକରେ କହି ଦୁର୍ବୃତ୍ତ ଦୋକାନ ଭିତରେ ପଶି ସେହି ବ୍ୟାଗ କୁ ଧରି ଚମ୍ପଟ ମାରିଥିଲା। ତାଙ୍କର ସେହି ବ୍ୟାଗ ରେ ଆନୁମାନିକ ୧ ଲକ୍ଷ ଟଙ୍କା ର ଗହଣା ଓ ନଗଦ ୨୦ ହଜାର ରୁ ଅଧିକ ଟଙ୍କା ଥିବା ଗୌରବ ପ୍ରକାଶ କରିଛନ୍ତି। ବସ୍ତା, ରୁପସା ଓ ସିଂଲା ଥାନା ଅଞ୍ଚଳ ରେ ଦିନକୁ ଦିନ ଲୁଟ ବଢ଼ିବାରେ ଲାଗିଛି। ୬୦ ନମ୍ବର ଜାତୀୟ ରାଜପଥ ପରେ ଏବେ ଲୁଟେରା ଗ୍ରାମ ଭିତରକୁ ପଶିବା ଆରମ୍ଭ କଲେଣି। ଗତ ଏକ ମାସ ମଧ୍ୟରେ ବସ୍ତା ବଜାର ର ଦୈନନ୍ଦିନ ବଜାର ରୁ ଜନୈକ ବ୍ୟକ୍ତି ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଯାଉଥିବା ବେଳେ ଲୁଟର ଶିକାର ହେଇଥିଲେ। ସେହିପରି ବସ୍ତା ର ଜନୈକ ଦମ୍ପତି ବାଲେଶ୍ୱରରୁ ଘରକୁ ଫେରୁଥିବା ବେଳେ ରାଜପଥର ଦଣ୍ଡିକା ନିକଟରେ ଲୁଟ ର ଶିକାର ହୋଇ ଥିଲେ।

# ୩୦ ଫୁଟ ତଳକୁ ଖସିପଡ଼ିଲା ପିକ୍ଅପ୍, ୩ ଗୁରୁତର



ରାଜଘାଟ, ୭।୪ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ରାଜଘାଟ ନିକଟରେ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା। ଆଜି ଭୋର ସମୟରେ ବାଲେଶ୍ୱର ପଟୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା କାଗଜ ବୋଝେଇ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ଚେକ ପୋଷ୍ଟକୁ ଧକ୍କା ଦେଇ ଜାତୀୟ ରାଜପଥରୁ ୩୦ ଫୁଟ ତଳକୁ ଖସି ପଡ଼ିଥିଲା। ଖବର ପାଇ ଘଟଣା ସ୍ଥଳରେ ବସ୍ତା ପୁଲିସ ଏବଂ ଜାତୀୟ ରାଜପଥ ପାଟ୍ରୋଲିଂ ଭ୍ୟାନ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ବସ୍ତା ହସପିଟାଲ ରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ ବାଲେଶ୍ୱର ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ପିକଅପ ଭ୍ୟାନ ର ଡ୍ରାଇଭରକୁ ଅଟକ ରଖି ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ଜମିରେ ବାଡ଼ କରିବା ନେଇ ମରଣାନ୍ତକ ଆକ୍ରମଣ ଅଭିଯୋଗ

ଜଳେଶ୍ୱର ବ୍ଲକ , ୭।୪ (ସମିସ) : ଜମିରେ ବାଡ଼ କରିବା ନେଇ ମରଣାନ୍ତକ ଆକ୍ରମଣ ନେଇ ରାଇବଣିଆ ଥାନାରେ ଅଭିଯୋଗ ହୋଇଛି। ସୂଚନାରୁ ଜଣାପଡ଼ିଛି କି, ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ଶ୍ରୀକଣ୍ଠପୁର ଗ୍ରାମର ସୂର୍ଯ୍ୟକାନ୍ତ ବେହେରା ପିତା-ସ୍ୱର୍ଗତ ଯତୀନ୍ଦ୍ର ବେହେରାଙ୍କ ନାରାୟଣପୁର ମୌଜାରେ ଖାତା ନମ୍ବର ୨୩୩/୪୦୦ ଓ ନମ୍ବର ୭ ୭୦/୧୩୩୨ ପ୍ଲଟରେ ଉକ୍ତ ଗ୍ରାମର ଜଗନ୍ନାଥ ମଲ୍ଲିକ ପିତା-ମନୋରଞ୍ଜନ, ଶଶିକାନ୍ତ ମଲ୍ଲିକ ପିତା - ରାମହରି, କାନ୍ଦରି ମଲ୍ଲିକ ସ୍ୱାମୀ - ପରୁଷୋତ୍ତମ ଓ ବନିତା ମାଇତି ସ୍ୱାମୀ - ଚନ୍ଦନ ମିଳିତ ଭାବେ ଗତକାଲି ଶନିବାର ଅପରାହ୍ନ ୩ ଟା ସମୟରେ ଜୋର ଜବରଦସ୍ତ ବାଡ଼ କରୁଥିବା ସମୟରେ ସୂର୍ଯ୍ୟକାନ୍ତଙ୍କ ମାଆ ଜୟନ୍ତୀ ବେହେରା ବାଡ଼ କରିବା ଦେଖି ପ୍ରତିବାଦ କରିବାରୁ ଜଗନ୍ନାଥ ମଲ୍ଲିକ, ଶଶିକାନ୍ତ ମଲ୍ଲିକ ତାଙ୍କୁ ମୁହଁ କୁ ଜାବୁଡ଼ି ଧରି ତଳେ ପକେଇଦେବା ସହ ଗାଳି ଗୁଲଜ କରିବା ସହ ତାଙ୍କୁ ବିଧା ଗୋଇଁଠା ମାରି ଥିଲେ। ଜୟନ୍ତୀଙ୍କ ଚିତ୍କାର ଶୁଣି ପୁତ୍ର ସୂର୍ଯ୍ୟକାନ୍ତ ଓ ବଡ଼ ପୁତ୍ର ମାନସ ଘଟଣା ସ୍ଥଳରେ ପହଞ୍ଚି ମାଆ ଜୟନ୍ତୀକୁ ରକ୍ଷା କରିବା ପାଇଁ ଚେଷ୍ଟା କରିବାରୁ ଜଗନ୍ନାଥ ଓ ତାଙ୍କର ସହଯୋଗୀ ମାନେ ଏକ ତେଲେଙ୍ଗା କଟୁରୀ ରେ ଜୀବନରୁ ମାରିଦେବା ଧମକ ଦେଇ ଗୋଡ଼ାଇ ଥିଲେ ଏବଂ ଉଭୟ ଦୁଇ ଭାଇ ଏହା ଦେଖି ଦୌଡ଼ି ପଳେଇ ଯିବା ସମୟରେ ଏମାନଙ୍କୁ ଲକ୍ଷ୍ୟ କରି କଟୁରୀ ଛାଟିଥିଲେ। ସୂର୍ଯ୍ୟକାନ୍ତ ଓ ମାନସ ଦୁଇ ଭାଇ ଜୀବନ ବିକଳରେ ଦୌଡ଼ି ପଳେଇ ଥିଲେ। ଦୋଷୀ ମାନଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ ପାଇଁ ସୂର୍ଯ୍ୟକାନ୍ତ ରାଇବଣିଆ ଥାନାରେ ଏକ ଏତଲା ଦେଇଥିବା ଜଣା ପଡ଼ିଛି। ରାଇବଣିଆ ପୁଲିସ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି କହିଛି।

# କୁଅଁରପୁରରେ ଦିବାରାତ୍ରି ଭଲିବଲ ଟୁର୍ଣ୍ଣାମେଣ୍ଟ



ରାଇବଣିଆ, ୭।୪(ସମିସ): ଜଳେଶ୍ୱର ବ୍ଲକ ମାକିଡ଼ିଆ ଗ୍ରାମ ପଞ୍ଚାୟତ କୁଅଁରପୁର ଗାଁ ପାଣି ଟାଙ୍କି ନିକଟସ୍ଥ ଖେଳ ପଡ଼ିଆରେ ରାଧାଗୋବିନ୍ଦଜୀଉ ଭଲିବଲ ଟିମ୍ ଓ କୁଅଁରପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଶନିବାର ଅପରାହ୍ନରେ ଦିନିକିଆ ଦିବାରାତ୍ରି ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଇଯାଇଛି। ଏହି ଖେଳରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଖେଳକୁ ସ୍ଥାନୀୟ ସମାଜସେବୀ ଗୌରାଙ୍ଗ ଦାସ ଉଦଘାଟନ କରିଥିବାବେଳେ ଜଳେଶ୍ୱର ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ନିମାଇଁ ଘୋଷ, ବ୍ଲକ ବିଜେଡି ସଭାପତି ଦିଲ୍ଲୀପ ସାମଲ, ସମୀର ଘଡେଇ, ରାଧାକାନ୍ତ ଘୋଷ, ନାଏବ ସରପଞ୍ଚ ବିଜୟ କୁଇଲା, ନିଶ୍ଚଳ ଘଡେଇ, ଅଶୋକ ଘଡେଇ, ସଞ୍ଜୟ ଘୋଷ, ବରିଷ୍ଠ ଖେଳାଳି ଦିଲ୍ଲୀପ ଚୌହାନ ଓ ଖକନ ଘୋଷ ଯୋଗଦେଇଥିଲେ। ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର। ଖେଳରେ ୪ଜଣ ରେଫରି ସୁଧୀର ଘଡେଇ, ଅତୁଲ ସାମଲ, ଅରୁଣ କୁମାର ପଣ୍ଡା ଓ ମଦନ କୁମାର ପରିଚାଳନା କରିଥିଲେ। ଏହି ଭଲିବଲ ଟୁର୍ନାମେଣ୍ଟରେ ଅନାଳିଆ, ସିକ୍ସଷ୍ଟାର, ପାଇକସାହି, ରେମୁଣା, ବାଣୀଦା ଓ ବାଲେଶ୍ୱର ସ୍ପୋର୍ଟ୍ସ ଟିମ ଯୋଗଦେଇଥିଲେ। ସିକ୍ସଷ୍ଟାର ଓ ବାଣିଦା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିବାବେଳେ ବିଜୟ ସିକ୍ସଷ୍ଟାର ଓ ରନର୍ସଅପ ବାଣିଦା ହୋଇଥିଲା। ବିଜୟୀ ଦଳକୁ ଟ୍ରଫି ସହିତ ୫୦୦୦ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହିତ ୪୦୦୦ଟଙ୍କା ପ୍ରଦାନ କରିଥିଲେ ଉପସ୍ଥିତ ଅତିଥି। ଏହି ଖେଳକୁ ଦାରାସିଂ ଚୌହାନ, ଶ୍ରୀମନ୍ତ ପାଳ, ସଞ୍ଜୀବ ପାଳ, ମନୋଜ ପାଳ, ଗୁରୁପଦ ଘୋଷ, ରାକେଶ ଚୌହାନ, ଅବନୀ ଘୋଷ, ମାଖନ ଦଣ୍ଡପାଟ, ଗଣେଶ ଘୋଷ, ବିଶେଶ୍ୱର ଘଡେଇ ପରିଚାଳନା କରିଥିଲେ।

# ବିଜେପିର ପ୍ରତିଷ୍ଠା ଦିବସ ପାଳିତ

ଜଳେଶ୍ୱର ବ୍ଲକ, ୭।୪ (ସମିସ) : ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ଅବସରରେ ଜଳେଶ୍ୱର ବିଜେପି ପକ୍ଷରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଓ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଶନିବାର ଅପରାହ୍ନରେ ଚାଲନ୍ତି ରେଳ ଓଭର ବ୍ରିଜ ନିକଟସ୍ଥ ହନୁମାନ ମୂର୍ତ୍ତି ନିକଟରୁ ଏକ ଶୋଭାଯାତ୍ରା ଶୁଭାରମ୍ଭ ହୋଇ ଜଳେଶ୍ୱର ସହର ମଧ ଦେଇ ଯାଇ ଅଗ୍ରୱାଲା ନିକଟରେ ପହଞ୍ଚିଥିଲା। ଚନ୍ଦନା ସ୍ଥିତ ଲିଲା କଲ୍ୟାଣ ମଣ୍ଡପ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ତଥା ଚଳିତ ଲୋକସଭା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଦଳ ଗଠନ ଓ ଦଳୀୟ ନୀତି ଆଦର୍ଶ ସମ୍ପର୍କରେ କର୍ମୀଙ୍କୁ ଉଦବୋଧନ ଦେଇଥିଲେ। ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟ ମଞ୍ଚାସୀନ ନେତୃତ୍ୱ ମଧ୍ୟରେ କାଉନସିଲର ଚନ୍ଦନ କୁମାର ଦାସ, ଶିବ ନାରାୟଣ ମହାପାତ୍ର, ମଣ୍ଡଳ ସଭାପତି ତରୁଣ ପଟ୍ଟନାୟକ, ନବୀନ ସାମଲ, ବିଶ୍ୱରୁପ ଦାସ, ତପନ ବିଶ୍ୱାଳ, ଇଂ ପରମା ନନ୍ଦ ମହାପାତ୍ର, ଡିପିପୁର ସମିତି ସଭ୍ୟ ମୁକୁନ୍ଦ ରଞ୍ଜନ ଜେନା, ଖୁଲୁଡ଼ା ସମିତି ସଭ୍ୟ ଲକ୍ଷ୍ମୀଧର ବେହେରା, କୋଟସାହି ସରପଞ୍ଚ ମଞ୍ଜୁବାଳା ପ୍ରଧାନ, ଗୋବରଘାଟା ସରପଞ୍ଚ ମିନତି କର, ନଛିମପୁର ସରପଞ୍ଚ ରାଜେଶ ଜେନା, ଯୁବ ନେତା କାଳିଚରଣ ଦାସ, ଶ୍ରୀକଣ୍ଠ ମହାନ୍ତି, ଚନ୍ଦନ କୁମାର କର, ସତ୍ୟ ଶୋଭନ ମିଶ୍ର, ରାସ ବିହାରୀ ରଣା, ନିତ୍ୟାନନ୍ଦ ଦାସ, ରମେଶ ଚନ୍ଦ୍ର ପାତ୍ର, ସ୍ୱରୁପ ନନ୍ଦୀ, ଜଗନ୍ନାଥ ପ୍ରଧାନ, ପିନାକୀ ଚାଟାର୍ଜୀ ଓ କାଳିଚରଣ ପାଳ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବିବାହର ୯ ବର୍ଷ ପରେ ମହିଳାଙ୍କୁ ଯୌତୁକ ନିର୍ଯାତନା

ଜଳେଶ୍ୱର ବ୍ଲକ, ୭।୪ (ସମିସ) : ଦୀର୍ଘ ୯ ବର୍ଷ ତଳେ ବିବାହିତ ମହିଳା ତଥା ୭ ବର୍ଷ ପିଲାର ମା'କୁ ନିର୍ଯ୍ୟାତନା। ଥାନାରେ ଏକ ମାମଲା ରୁଜୁ କଲା ଜଳେଶ୍ୱର ପୁଲିସ। ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ପରିଖି ଅଞ୍ଚଳର ତାଳବୋରାଇ ଗ୍ରାମର ସୁବାଷ ବାରିକଙ୍କ କନ୍ୟା ମାମୁନିକୁ ହିନ୍ଦୁ ରୀତିନୀତି ପ୍ରଥା ଅନୁସାରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶିଖରପୁର ଗ୍ରାମ ପଞ୍ଚାୟତର ରାଜନଗର ଗ୍ରାମର ପ୍ରଭାକର ବାରିକଙ୍କ ବଡ଼ ପୁତ୍ର ରାଧାକୃଷ୍ଣ ବାରିକଙ୍କ ସହିତ ତା-୨୯/୨/୨୦୧୬ ରିଖରେ ବିବାହ ହୋଇଥିଲା। ବିବାହ ସମୟରେ ସୁନାର ଚିକହାର, ମଙ୍ଗଳ ସୂତ୍ର ହାର, କାନ ଫୁଲ ୩ ହଳ, ହାତବଳା ୨ ହଳ, ମୁଦି ୨ ଟା ଓ ରୂପାର ପାଉଁଜି ୨ ହଳ ସହ ପୁଅର ମଧ ୨ ଟି ସୁନା ମୁଦି ଓ ଘରର ବିଭିନ୍ନ ଆସବାବପତ୍ର ବାପ ଘର ଦେଇଥିଲେ। ମାତ୍ର ସ୍ୱାମୀ ରାଧାକୃଷ୍ଣ ବାରିକ, ଶ୍ୱଶୁର ପ୍ରଭାକର ବାରିକ, ଶାଶୂ ବାସନ୍ତୀ ବାରିକ, ଦିଅର ରାମକୃଷ୍ଣ ବାରିକ ପ୍ରମୁଖ ମିଳିତ ଭାବେ ବିବାହ ପର ଠାରୁ ଅଧିକ ୫ ଲକ୍ଷ ଟଙ୍କା ଯୌତୁକ ଦାବି କରି ମାମୁନିକୁ ବିଭିନ୍ନ ପ୍ରକାର ଶାରିରୀକ ଓ ମାନସିକ ଯନ୍ତ୍ରଣା ମାନ ଦେଇ ଆସୁଛନ୍ତି। ସେମାନଙ୍କ ଆକ୍ରମଣରେ ୨୦୨୨ ମସିହାରେ ଦୁଇଥର ଲଗାତର ଆକ୍ରମଣରେ ମାମୁନି ଗୁରୁତର ଆହତ ହୋଇ ଚିକିତ୍ସିତ ହୋଇଥିଲେ। ଗରୀବ ଘରର ଝିଅ ହୋଇଥିବାରୁ ଯନ୍ତ୍ରଣା ସହି ମଧ ଶାଶୁ ଘରେ ପଡ଼ି ରହିଥିଲେ। ଏ ବାବଦରେ ବାପଘର ଲୋକମାନେ ବାରମ୍ବାର ଆସି ଗ୍ରାମର ଭଦ୍ରଲୋକଙ୍କ ମାଧ୍ୟମରେ ଗ୍ରାମରେ ଓ ଜଳେଶ୍ୱର ଥାନାରେ ସମାଧାନ ହୋଇଥିଲେ ମଧ କୌଣସି କଥା ରଖି ନ ଥିଲେ ଶାଶୁଘର ଲୋକ। ନିର୍ଯ୍ୟାତନା ବଢ଼ି ଚାଲିଥିଲା। ଏ ନେଇ ରବିବାର ଜଳେଶ୍ୱର ଥାନା ପରିସର ମଧ୍ୟରେ ରୂପାୟନ ର ପ୍ରତିଷ୍ଠାତା ଶ୍ରଦ୍ଧାଞ୍ଜଳି ରାୟ, ସଦସ୍ୟା ରତ୍ନୁ ମିଶ୍ର ଓ ଉଭୟ ପକ୍ଷ ପରିବାର, ସ୍ୱାମୀ ସ୍ତ୍ରୀ ଓ ଭଦ୍ରବ୍ୟକ୍ତି ମାନେ ଉପସ୍ଥିତ ହୋଇ ସମାଧାନ ପାଇଁ ଚେଷ୍ଟା କରିଥିଲେ ମଧ ତାହା ବିଫଳ ହୋଇଥିଲା। ପରେ ଜଳେଶ୍ୱର ଥାନା ପକ୍ଷରୁ ଲିଖିତ ଅଭିଯୋଗ ମୂଳେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଜଣା ପଡ଼ିଛି।

# ବାଇଗଣବାଡ଼ିଆ ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ

ଜଳେଶ୍ୱର ବ୍ଲକ, ୭।୪ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବାଇଗଣ ବାଡ଼ିଆ ପଞ୍ଚାୟତର କଣ୍ଟାପାଳ ଗ୍ରାମରେ ଶନିବାର ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଜେଡିର ଜଳେଶ୍ୱର ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ବ୍ଲକ ଜୀବନବିନ୍ଦୁ ସଂଯୋଜକ ମଧୁସୂଦନ ସେନାପତି, ବାଇଗଣବାଡିଆ ସରପଞ୍ଚ ବିଷ୍ଣୁପଦ ପାତ୍ର, ପଞ୍ଚାୟତ ବିଜେଡି ସଭାପତି ବରେନ୍ଦ୍ର ଗିରି ପ୍ରମୁଖ ଉପସ୍ଥିତ ରହି ବିଜେଡି ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡ଼ିକ ବାବଦରେ ପ୍ରତ୍ୟେକ ପରିବାର ଲୋକଙ୍କ ପାଖରେ ପହଞ୍ଚେଇ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ପରିମାଣରେ ଭୋଟ ଦେଇ ଜୟଯୁକ୍ତ କରିବା ସହିତ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବରେ ଦେଖିବା ନିମନ୍ତେ ଅନୁରୋଧ କରାଯାଇଥିଲା। ଉକ୍ତ କର୍ମୀ ସମ୍ମିଳନୀରେ ପ୍ରାୟ ୨୦୦ ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ହୋଇଥିଲେ।



# ବଜ୍ରପାତରେ ଭାଙ୍ଗିଲା ଆଜ୍‌ବେଷ୍ଟସ୍ ଛପର



ଜଳେଶ୍ୱର ବ୍ଲକ, ୭।୪ (ସମିସ) : ଜଳେଶ୍ୱର ଥାନା ଅଞ୍ଚଳରେ ରବିବାର ସକାଳ ଆଠଟା ତିରିସ୍ ମିନିଟ ସମୟରେ ହଠାତ ଆକାଶରେ କଳାମେଘ ଘୋଟି ଆସିଥିଲା। ଝିପି ଝିପି ବର୍ଷା ସହିତ ଘଡଘଡି ଆରମ୍ଭ ହୋଇ ଥିଲା। ଅଳ୍ପ ସମୟର ବର୍ଷା ମଧ୍ୟରେ ହଠାତ୍ ବଜ୍ରପାତ ହୋଇଥିଲା। କିଛି ବୁଝିବା ଆଗରୁ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଚାଲନ୍ତି ଗ୍ରାମର ଉମାକାନ୍ତ ଗିରି ଏବଂ ନିଶିକାନ୍ତ ଗିରିଙ୍କର ଆଜବେଷ୍ଟସ ଛାଉଣୀ ପକ୍କାଘର ଉପରେ ବଜ୍ରାଘାତ ହୋଇଥିଲା। ବଜ୍ରପାତରେ ଘର ଭିତରେ ଥିବା ବିଦ୍ୟୁତ ୱେରିଂ ସମ୍ପୂର୍ଣ୍ଣ ପୋଡି ଯାଇଥିବା ବେଳେ ଟିଭି ଭାଙ୍ଗି ଯାଇଛି। ତେବେ ଦୁଇ ଭାଇ ଙ୍କର ଛଅ ଜଣ ସଦସ୍ୟ ବିଶିଷ୍ଟ ପରିବାର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଘର ଭିତରେ ଥିବା ଦୁଇଜଣ କାନକୁ କିଛି ଶୁଭୁ ନ ଥିବା ଜଣାପଡ଼ିଛି। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇ ଯାଇଛି।

# ଜଳେଶ୍ୱରରୁ ଜଣଙ୍କୁ ଉଠାଇ ନେଲା ସାଇବର ପୁଲିସ

ଜଳେଶ୍ୱର ବ୍ଲକ, ୭।୪ (ସମିସ); ବାଲେଶ୍ୱର ସାଇବର ଥାନା ପୁଲିସ ଶୁକ୍ରବାର ସନ୍ଧ୍ୟାରେ ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନସ୍ଥ ନହଞ୍ଚୀରା ଗ୍ରାମରୁ ଜଣକୁ ଉଠାଇ ନେଇଛି। ଯୁବକ ଜଣକ ହେଉଛନ୍ତି ସ୍ୱର୍ଗତ ବେଣୁଧର ଜେନାଙ୍କ ପୁଅ ଜୟ ନାରାୟଣ। ଜୟନାରାୟଣ କେତେକ ସାଇବର ଠକଙ୍କ ସହ ମିଶି ଜଳେଶ୍ୱରର ବହୁ ଏଟିଏମ୍ କାର୍ଡଧାରୀଙ୍କୁ ପ୍ରଭାବିତ କରି ଏଟିଏମ କାର୍ଡ ହାତେଉ ଥିଲେ। ଆଉ ସେହି ଏଟିଏମ କାର୍ଡକୁ ସାଇବର ଠକ୍ ମାନଙ୍କୁ ଦେଉଥିବା ବେଳେ ସେହି କାର୍ଡ ବଳରେ ସାଇବର ଠକ୍ ମାନେ ଲକ୍ଷ ଲକ୍ଷ ଟଙ୍କାର ଠକେଇ କରୁଥିଲେ। ସାଇବର ଥାନା ପୁଲିସ ଏନେଇ ୧୨ ନମ୍ବର ଏକ ମାମଲା ରୁଜୁ କରି ଗତକାଲି ଜୟନାରାୟଣଙ୍କ ଘର ଉପରେ ଚଢାଉ କରିବା ପରେ ଅନେକ ତଥ୍ୟ ପୁଲିସର ହସ୍ତଗତ ହୋଇଛି। ପରେ ଶନିବାର ଓଳିନ୍ଦା ଗ୍ରାମରୁ କୃତି ସୁନ୍ଦର ମହାପାତ୍ରଙ୍କୁ ସାଇବର ଥାନା ଉଠାଇ ନେଇଥିବା ବେଳେ ଏଥିରେ ଜଳେଶ୍ୱର ଅଞ୍ଚଳରେ ଅନେକ ଲୋକ ସମ୍ପୃକ୍ତ ଥିବା ସାଇବର ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ବାଇକ୍ ଚୋର ଗିରଫ, ଗାଡ଼ି ଉଦ୍ଧାର

ସୋର, ୭।୪(ସମିସ): ସୋର ପୌରପାଳିକା ଅନ୍ତର୍ଗତ ଷ୍ଟେସନଛକ ନିକଟରୁ ଚୋରି ହୋଇଥିବା ଏକ ବାଇକ ଚୋରି ଘଟଣାରେ ସୋର ପୁଲିସ ବାଇକ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଚୋରି ବାଇକଟିକୁ ଉଦ୍ଧାର କରିଛି। ଗତ ଶୁକ୍ରବାର ଦିନ ଷ୍ଟେସନଛକ ନିକଟରେ ଥିବା ସୁଶାନ୍ତ ପୃଷ୍ଟିଙ୍କ ଲୁଗାଦୋକାନ ଆଗରେ ସୁଶାନ୍ତ ନିଜର ବାଇକ ରଖିଥିଲେ। ପରେ ତାଙ୍କର ବାଇକଟି ଦୋକାନ ଆଗରୁ କେହି ଜଣେ ଚୋରି କରି ନେଇ ଫେରାର ହୋଇଯାଇଥିଲା। ଏ ବାବଦରେ ସୁଶାନ୍ତ ଜାଣିବା ପରେ ସୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତେବେ ଗତକାଲି ସନ୍ଧ୍ୟା ସମୟରେ ଜଣେ ଯୁବକ ବାଇକଟିକୁ ବଡଖୁରୀ ଛକକୁ ବିକ୍ରି କରିବାକୁ ଆଣିଥିଲେ। ତେବେ ବାଇକକୁ ଦେଖି ସ୍ଥାନୀୟ ଲୋକଙ୍କର ସନ୍ଦେହ ହେବାରୁ ତାଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ। ଏହାରି ମଧ୍ୟରେ ବାଇକ ମାଲିକଙ୍କ ନିକଟରେ ଖବର ପହଞ୍ଚିବା ପରେ ବାଇକ ମାଲିକ ସୁଶାନ୍ତ ଘଟଣା ସ୍ଥଳରେ ପହଞ୍ଚି ବାଇକଟିକୁ ଚିହ୍ନଟ କରି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଚୋରକୁ ଥାନାରେ ଅଟକ ରଖିବା ସହିତ ବାଇକ ଟିକୁ ଉଦ୍ଧାର କରିଥିଲା। ଆଜି ପୁଲିସ ଏ ବାବଦରେ ୩୦୬/୨୪ ରେ ଏକ ମାମଲା ରୁଜୁ କରି ଅଟକ ଥିବା ମାଣତ୍ରୀ ପଞ୍ଚାୟତ ନୂଆପୁର ଗ୍ରାମର ଅନିଲ କୁମାର ବାରିକ(୨୬) କୁ ଗିରଫ କରିଥିଲେ। ଆଜି ଅପରାହ୍ନରେ ସୋର ଡାକ୍ତରଖାନାରେ ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରିଛି ସୋର ପୁଲିସ।

# ମିଳନ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ

ଜଳେଶ୍ୱର ବ୍ଲକ, ୭।୪ (ସମିସ) :



ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣନାଥ ଗ୍ରାମ ପଞ୍ଚାୟତର ବିରିଶପୁର ସ୍କୁଲ ପଡ଼ିଆରେ ଚାଲିଥିବା ମିଳନ ମହୋତ୍ସବର ୫ମ ସନ୍ଧ୍ୟା ଓ ଉଦଯାପନୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସନ୍ଧ୍ୟା କାର୍ଯ୍ୟକ୍ରମରେ ମିଳନ ମହୋତ୍ସବର ଉଦ୍ୟକ୍ତା ତଥା ସମିତି ସଭ୍ୟ ଜିତେନ୍ଦ୍ର ନାଥ ଦାସ, ସଭାପତି କାହ୍ନୁ ଚରଣ ଜେନା, ସହ ସମ୍ପାଦକ ସତ୍ୟବ୍ରତ ବାରିକ, କୋଷାଧ୍ୟକ୍ଷ ହରିହର ଘୋଷ, ସଭ୍ୟ ଉତ୍ପଳ କୁମାର ମହାନ୍ତି, ଜଗବନ୍ଧୁ ଜେନା, ଅଜୟ କୁମାର ବେହେରା, ପ୍ରଭୁରାମ୍ ଭୁୟାଁ, ଶ୍ୟାମ ସିଂ, ଶ୍ୟାମ ସୁନ୍ଦର ଦଳେଇ, ଚିତ୍ତ ରଞ୍ଜନ ଘୋଷ, ଅଜୟ ସିଂ, ଗଣେଶ ଚନ୍ଦ୍ର କଟୁଆଳ, ରଣଜିତ୍ ସିଂ, ସୁଧାଂଶୁ ଜେନା, ମୁରଲୀଧର ଡଗର, ସୁଶାନ୍ତ କୁମାର ଭୂୟାଁ, ରବୀନ୍ଦ୍ର ଦାସ, ଶ୍ରୀକାନ୍ତ ଭୂୟାଁ ଓ ନିରଞ୍ଜନ କଟୁଆଳ ପ୍ରମୁଖ ମଞ୍ଚାସୀନ ହୋଇ ୫ ଦିନ ବ୍ୟାପି ମିଳନ ମହୋତ୍ସବ ଏକ ଭାଇଚାରା ସୃଷ୍ଟି କରିଥିଲା ବୋଲି ନିଜ ନିଜର ବକ୍ତବ୍ୟରେ କହିଥିଲେ। ଏହା ଯୁବ ପିଢ଼ିକୁ ଏକ ପ୍ରେରଣା ଯୋଗାଇଛି। ସମସ୍ତ ସଭ୍ୟ ମାନେ ନିଜ ନିଜ ମଧ୍ୟରେ ଆନନ୍ଦର ସହ ଭାବ ଆଦାନ ପ୍ରଦାନ କରିଥିଲେ। ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କରା ଯାଇଥିଲା।

# ଶ୍ରୀବଳଦେବଜୀଉ ମନ୍ଦିରରୁ ମୀନା ମାଝୀଙ୍କ ପ୍ରଚାର ଆରମ୍ଭ



କେନ୍ଦୁଝର, ୭।୪(ସମିସ)

କେନ୍ଦୁଝରରର ରାଷ୍ଟ୍ରଦେବତା ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିରରୁ ପୂଜାର୍ଚ୍ଚନା ସାରି କେନ୍ଦୁଝର ସଦର ବିଧାନସଭା କ୍ଷେତ୍ରରୁ ବିଜୁ ଜନତା ଦଳ ଟିକେଟ ପାଇଥିବା ମୀନା ମାଝୀ ରବିବାର ସନ୍ଧ୍ୟାରେ ବିଧିବଦ୍ଧ ଭାବେ ଶତାଧିକ ସମର୍ଥକଙ୍କ ସହିତ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ଶ୍ରୀବଳଦେବଜୀଉ, ଦେବ ଦେବ ଶ୍ରୀଜଗନ୍ନାଥ, ମାତା ସୁଭଦ୍ରା ଓ ଶକ୍ତିର ପ୍ରତୀକ ସୁଦର୍ଶନଙ୍କୁ ନିଜର ଭକ୍ତିପୁତ ଅର୍ଘ୍ୟ ପ୍ରଦାନ କରି ସେ ମନ୍ଦିରର ପାର୍ଶ୍ୱଦେବାଦେବୀଙ୍କ କୃପା ଭିକ୍ଷା କରିଥିଲେ। ଏହା ପରେ ସଦର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ସମର୍ଥକ ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ପୁରୁଣା ସହରର କିଛି ଅଂଶ ପରିକ୍ରମା କରାଇଥିଲେ। ସେ ଜନସାଧାରଣଙ୍କ ନିକଟକୁ ଯାଇ ଆଶୀର୍ବାଦ ଭିକ୍ଷା କରିବା ସହିତ ସହଯୋଗ କାମନା କରିଥିଲେ। ଏହାପରେ କେନ୍ଦୁଝର ବଡଦାଣ୍ଡକୁ ଯାଇ ଜନସାଧାରଣଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହିତ ବିଜେଡି ଓ ନବୀନ ପଟ୍ଟନାୟକଙ୍କୁ ସମର୍ଥନ ଦେବାକୁ ନିବେଦନ କରିଥିଲେ। ବିଜେଡି ପ୍ରାର୍ଥୀ ମୀନା ମାଝୀଙ୍କ ସହିତ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ଲୋକସଭା ସଦସ୍ୟ ମାଧବ ସର୍ଦ୍ଦାର, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ, କେନ୍ଦୁଝର କେନ୍ଦ୍ର ସମବାୟ ସଭାପତି କାନନ ବିହାରୀ ପହି, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ଅରୁଣ କୁମାର ବାରିକ, କେନ୍ଦୁଝର ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, କାଉନସିଲର ଶରତ କୁମାର ସାହୁ, ଦୟାନିଧି ପାତ୍ର, କେକି କାକଳି କୁମୁରା, ହେମନ୍ତ କୁମାର ପତି, ଅନୁସୂଚିତ ଜାତି ସେଲର ଅଧ୍ୟକ୍ଷ ଭରତ ଚନ୍ଦ୍ର ପାତ୍ର, ଜିଲ୍ଲା ବିଜେଡି ସମ୍ପାଦକ ଜ୍ଞାନରଞ୍ଜନ ପତି, ଅଜୟ କୁମାର ଦାସ, ଅଶ୍ୱିନୀ କୁମାର ପଣ୍ଡା, ବିଘ୍ନରାଜ ସାହୁ, ସଦର ବ୍ଲକ ବିଜେଡି ସଭାପତି ଚକ୍ରଧର ପରିଡ଼ା, ୧ନମ୍ବର ୱାର୍ଡ ସଭାପତି ସତ୍ୟେନ୍ଦ୍ର ନାରାୟଣ କର ଓ ଅନ୍ୟ ୱାର୍ଡ ସଭାପତି, ବହୁ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ସଂଗଠନର କାର୍ଯ୍ୟକର୍ତ୍ତା, ପୂର୍ବତନ ନିର୍ବାଚିତ ଜନପ୍ରତିନିଧି, ମିଶନ ଶକ୍ତି ଫେଡେରେସନର ନେତ୍ରୀଙ୍କ ସମେତ ବହୁ ସଂଗଠକ ଯୋଗଦେଇଥିଲେ।

ସୂଚନାଯୋଗ୍ୟ ଯେ, ୨୦୧୪ ମସିହାରେ ମୀନା ମାଝୀ କେନ୍ଦୁଝରଗଡ଼ ପୌରପାଳିକାର ୧୬ନମ୍ବର ୱାର୍ଡର କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ସେ ସମୟର କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷ ପଦ ଅସଂରକ୍ଷିତ ଥିଲେ ମଧ୍ୟ ନବୀନ ପଟ୍ଟନାୟକ ସିଧାସଳଖ ମୀନା ମାଝୀଙ୍କୁ ଚେୟାରମ୍ୟାନ ଭାବେ ମନୋନୀତ କରିଥିଲେ। ଏହାପରେ ସେ ୨୦୧୯ ମସିହାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ଭାବେ ମନୋନୀତ ହୋଇ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହା ସହିତ ସେ ୨୦୨୨ମସିହାରେ ଓଡ଼ିଶା ଖଦୀ ଓ ଗ୍ରାମ୍ୟୋଦ୍ୟଗ ନିଗମର ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ସାଂଗଠନିକ ପଦରେ ମଧ୍ୟ ସେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଛନ୍ତି। ବିଜୁ ମହିଳା ଜନତା ଦଳର ଉତ୍ତର ଓଡ଼ିଶା ଜୋନାଲ ସମ୍ପାଦକ ସହ ଜିଲ୍ଲାସ୍ତରରେ ମଧ୍ୟ କାର୍ଯ୍ୟ କରିଛନ୍ତି। ତୃଣମୂଳସ୍ତରର ଜଣେ ଆଦିବାସୀ ମହିଳା ଭାବରେ ତାଙ୍କର ସୁନାମ ରହିଥିବା ବେଳେ ଜଣେ ନିର୍ବାଦୀୟ ମହିଳା ଭାବେ ତାଙ୍କର ସୁଖ୍ୟାତି ରହିଛି।

## ବିଜେଡି ପ୍ରାର୍ଥୀ ବଦ୍ରୀଙ୍କ ପ୍ରଚାର ଆରମ୍ଭ



ଆନନ୍ଦପୁର, ୭।୪(ସମିସ): ଘସିପୁରା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ପ୍ରାର୍ଥୀ ବିଧାୟକ ବଦ୍ରୀନାରାୟଣ ପାତ୍ର କୋଳିମାଟି ଓ ଗଡ଼ବାନ୍ଧଗୋଡ଼ା ପରେ ଆଜି ଭଣ୍ଡାରୀଡିହା ପଞ୍ଚାୟତରେ ନିର୍ବାଚନ ପ୍ରଚାର କରିଛନ୍ତି। ସ୍ଥାନୀୟ ବସନ୍ତପୁରା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ପଦଯାତ୍ରାରେ ବିଭିନ୍ନ ସାହି ବସ୍ତିରେ ପ୍ରଚାର ଆରମ୍ଭ କରିଥିଲେ। ଏଥିରେ ଶତାଧିକ ମହିଳା ଓ କର୍ମୀ ଯୋଗ ଦେଇ ପଦଯାତ୍ରାରେ ଘର ଘର ବୁଲି ଭୋଟରମାନଙ୍କୁ ସାକ୍ଷାତ କରି ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏଥିରେ ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ, ଅଦେଇ ରାଉତ, ନିର୍ମଳ ରାଉତ, ସଂଗ୍ରାମ ରାଉତଙ୍କ ସମେତ ବହୁ ନେତୃମଣ୍ଡଳୀ ଯୋଗ ଦେଇ ବିଭିନ୍ନଯୋଜନା ବିଷୟରେ ପ୍ରଚାର କରି ଲୋକମାନଙ୍କୁ ଅବଗତ କରାଇଥିଲେ।

## ସ୍ଥାନୀୟ ଆଶାୟୀଙ୍କୁ ପ୍ରାର୍ଥୀ କରିବାକୁ ଦାବି



ତେଲକୋଇ, ୭।୪ (ସମିସ): ତେଲକୋଇ ନିର୍ବାଚନ ମଣ୍ଡଳୀ ପାଇଁ କୌଣସି ଦଳ ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାଁ ଘୋଷଣା କରିନାହିଁ। ଯେତିକି ସମୟ ଗଡ଼ୁଛି ନିର୍ବାଚନ ମଣ୍ଡଳୀରେ ଅଶାୟୀଙ୍କ ମଧ୍ୟରେ ସେତିକି ଉତ୍କଣ୍ଠା ବଢ଼ୁଛି। ବିଜେଡି ଓ ବିଜେପି ଦଳରେ ଅଶାୟୀଙ୍କ ସଂଖ୍ୟା ଅଧିକ ଥିବାରୁ ପ୍ରାର୍ଥୀ ଚୟନରେ ବିଳମ୍ବ ହେଉଥିବା ଚର୍ଚ୍ଚା ହେଉଛି। ସବୁ ଦଳରେ ମାଟିର ପୁଅକୁ ଟିକଟ ଦେବା ପାଇଁ ଦାବି ଜୋର ଧରିଛି। ତେଲକୋଇର ବିଧାୟକ ପ୍ରେମାନନ୍ଦ ନାୟକ ବିଜେଡି ଛାଡି ବିଜେପିରେ ମିଶିବା ପରେ ଚମ୍ପୁଆର ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କୁ ବିଜେଡି ତେଲକୋଇର ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ଚାଲିଥିଲା। ତେବେ ସିଦ୍ଧୁଙ୍କୁ କେନ୍ଦୁଝରର ସାଂସଦ ପ୍ରାର୍ଥୀ ଭାବେ ବିଜେଡି ଘୋଷଣା କରିବା ପରେ ଏବେ ବିଧାୟକ ପ୍ରାର୍ଥୀଙ୍କୁ ନେଇ ବହୁ ଆଶାୟୀ ଆଶା ବାନ୍ଧିଛନ୍ତି। ସ୍ଥାନୀୟ ନେତାଙ୍କ ସହ ବହୁ ବାହାର ନିର୍ବାଚନମଣ୍ଡଳୀର ଆଶାୟୀ ମଧ୍ୟ ଅଛନ୍ତି। ବିଜେପି ଓ କଂଗ୍ରେସରେ ମଧ୍ୟ ଆଶାୟୀଙ୍କ ତାଲିକା ଲମ୍ବିଛି। କଂଗ୍ରେସର ଏଠାରୁ ପ୍ରାର୍ଥୀ ହେଉଥିବା ମୋହନ ହେମ୍ବ୍ରମ ନିର୍ବାଚନ ମଣ୍ଡଳୀ ବାହାରେ ରହୁଥିବାରୁ ତାଙ୍କୁ ନେଇ ଅସନ୍ତୋଷ ରହିଛି। ତେଣୁ ସବୁ ଦଳ ପ୍ରାର୍ଥୀ ଦେବା ପୂର୍ବରୁ ସ୍ଥାନୀୟ ଆଶାୟୀଙ୍କୁ ବିଚାରକୁ ନେବାକୁ ସ୍ଥାନୀୟ କର୍ମୀମାନେ ଦାବି କରିଛନ୍ତି।

## ନିରପେକ୍ଷ ମତଦାନ ନିମନ୍ତେ ସଚେତନତା




ଯୋଡ଼ା, ୭।୪(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ପକ୍ଷରୁ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ମୁକ୍ତ, ଅବାଧ ଓ ନିରପେକ୍ଷ ମତଦାନ ନିମନ୍ତେ ଏକ ସଚେତନତା ରାଲି (ଏସ୍‌ଭିଇଇପି) ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ରବିବାର ସକାଳ ୮ ଟା ସମୟରେ ପୌର ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ପୌର କର୍ମଚାରୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇ ପ୍ରଥମେ ପୌର କାର୍ଯ୍ୟାଳୟରୁ ବାହାରି ବ୍ଲକ ଛକ, ବନେଇକଳା ବସ୍ତି, କଳାପାହାଡ଼ ଛକ ଓ ଶାସ୍ତ୍ରୀନଗର ଦେଇ ନଗର ପରିକ୍ରମା କରିଥିଲେ। ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆଗାମୀ ମେ' ୨୫ ତାରିଖରେ ହେବାକୁ ଯାଉଥିବା ୨୦୨୪ ସାଧାରଣ ନିର୍ବାଚନ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ସହଯୋଗ ଲୋଡ଼ିଥିଲେ। ଏହି ସଚେତନତା ରାଲିରେ ପୌର ନିର୍ବାହୀ ଯନ୍ତ୍ରୀ ଭକ୍ତବନ୍ଧୁ ମହାନ୍ତ, ରାମ ଚନ୍ଦ୍ର ପାତ୍ର ସମେତ ପୌର କର୍ମଚାରୀ ଓ ସ୍ୱଚ୍ଛ ସାଥୀ ମାନେ ପ୍ଲା-କାର୍ଡ ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରୁଥିବା ଦେଖିବାକୁ ମିଳିଥିଲା।

## ପ୍ରଚାର ମୈଦାନକୁ ଓହ୍ଲାଇଲେ ଧନୁର୍ଜୟ



ବଡ଼ବିଲ, ୭।୪(ସମିସ): ସାଧାରଣ ନିର୍ବାଚନ ସରଗରମ ହେବାକୁ ଯାଉଥିବା ବେଳେ କେନ୍ଦୁଝର ଲୋକସଭା ଆସନ ପାଇଁ ପ୍ରମୁଖ ପ୍ରତିଦ୍ୱନ୍ଦୀ ଦଳ ବିଜେଡି ଓ ବଜେପି ପକ୍ଷରୁ ପ୍ରାର୍ଥୀ ଘୋଷଣ ହୋଇଛି। ବିଜେପି ପକ୍ଷରୁ ପୂର୍ବତନ ସାଂସଦ ଅନନ୍ତ ନାୟକଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କୁ ପ୍ରାର୍ଥୀ କରାଯାଇଛି। ତେବେ କଂଗ୍ରେସ ଏଯାବତ ପ୍ରାର୍ଥୀ ଘୋଷଣା କରିପାରି ନାହିଁ। ଲୋକସଭା ଟିକଟ ହାତେଇବା ପରେ ଧନୁର୍ଜନ ଆଜି କେନ୍ଦୁଝର ପହଞ୍ଚି ଭଦ୍ରାସାହି ଛକଠାରୁ ଏକ ବିରାଟ ପଟୁଆରରେ ତାରିଣୀ ମନ୍ଦିର ଯାଇ ମା'ଙ୍କ ଆଶୀର୍ବାଦ ନେବା ସହ ପ୍ରଚାର ଆରମ୍ଭ କରିଥିବା ଜଣାପଡ଼ିଛି। ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଡ଼ା, ବଡ଼ବିଲ, ଭଦ୍ରାସାହି, ସେରେଣ୍ଡା ଓ ରୋଇଡା ଅଞ୍ଚଳର ହଜାର ହଜାର ଲୋକ ଧନୁର୍ଜୟଙ୍କ ସହ ମନ୍ଦିର ଯାଇ ନବୀନ ପଟ୍ଟନାୟକଙ୍କ ବିଜୟ ରଥକୁ ଆଗକୁ ନେବାକୁ ସଂକଳ୍ପ ନେଇଥିଲେ।

## ୩ ନମ୍ବର ଜୋନରେ ବିଜେପିର ପ୍ରଚାର



ଆନନ୍ଦପୁର, ୭।୪(ସମିସ): ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ୩ନଂ. ଜୋନ୍‌ରେ ବିଜେପି ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ଓ ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଗ୍ରାମ ଦେବୀ ମା' କୁଣ୍ଡୁଳାଇଙ୍କ ନିକଟରେ ପୂଜାର୍ଚ୍ଚନା କରି ବେଲବାହାଳି, ହରିଡାପାଳ, ଜଳସୁଆଁ, ପଞ୍ଚୁପଲ୍ଲୀ, ବାଇଲୋ ପଞ୍ଚାୟତର ପ୍ରତ୍ୟେକ ଘରେ ପ୍ରଚାର କରିଥବଲେ। ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁଙ୍କ ସମେତ ବିଜେପିର ଅନ୍ୟ ନେତୃ ମଣ୍ଡଳୀ ସାମିଲ ହୋଇଥିଲେ।

## କେନ୍ଦୁଝରରେ ନିର୍ବାଚନ ଆୟୋଗଙ୍କ ଉପଦେଷ୍ଟା | ଜିଲ୍ଲାରେ ବ୍ୟାପକ ହେବ ଜନସଚେତନତା

କେନ୍ଦୁଝର, ୭।୪(ସମିସ)




ଆଗାମୀ ମେ' ୨୫ ତାରିଖରେ କେନ୍ଦୁଝର ଜିଲ୍ଲାରେ ଉଭୟ ଲୋକସଭା ଓ ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ପୂର୍ବ ନିର୍ବାଚନ ଅପେକ୍ଷା ଏଥର ବହୁ ସଂଖ୍ୟାରେ ଭୋଟର ମାନେ ଯେପରି ନିଜ ମତଦାନ ସାବ୍ୟସ୍ତ କରି ପାରିବେ ସେଥିଲାଗି ଜିଲ୍ଲା ପ୍ରଶାସନ ବ୍ୟାପକ ରଣନୀତି ପ୍ରସ୍ତୁତ କରିଛି। ପ୍ରଭାବଶାଳୀ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନ ଅଂଶଗ୍ରହଣ (ଏସ୍‌ଭିଇଇପି) ମାଧ୍ୟମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଳ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଭୋଟ ହାର ବୃଦ୍ଧି ପାଇଁ ବିଶେଷ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି। ଭୋଟରମାନଙ୍କୁ ନିଜ ମତଦାନ ସାବ୍ୟସ୍ତ କରିବା ପାଇଁ ଅନୁପ୍ରାଣୀତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟେ ଭୋଟର ମହତ୍ୱ ବାବଦରେ ବ୍ୟାପକ ଜନସଚେତନତା କରାଯାଉଛି। ଏହି ପରିପ୍ରେକ୍ଷୀରେ ରବିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ଭୋଟର ସଚେତନତା ପଦଯାତ୍ରା (ୱାକାଥନ) ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଦେଇ ସ୍ଥାନୀୟ ହ୍ୟାଣ୍ଡବଲ ପଡ଼ିଆରେ ପହଞ୍ଚିଥିଲା। ଏହି ପଦଯାତ୍ରାକୁ ଭାରତ ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଉପଦେଷ୍ଟା ଡ.ସାଧନା ରାଉତ ଏବଂ ଜିଲ୍ଲାପାଳ ବିଶାଳ ସିଂହ ଶାଗୁଆ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶହ ଶହ ଯୁବକ ଯୁବତୀ ହାତରେ ପ୍ଲାକାର୍ଡ ଧରି ଜନସାଧାରଣଙ୍କୁ ଭୋଟ ଦେବା ପାଇଁ ପ୍ରବର୍ତ୍ତାଇ ଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉପଜିଲ୍ଲାପାଳ ତ୍ରିଲୋଚନ ମହାନ୍ତି, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିତେନ୍ଦ୍ର ମହାକୁଡ଼, ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ, ବ୍ୟାଙ୍କ ଅଫ ଇଣ୍ଡିଆର ବରିଷ୍ଠ ପ୍ରବନ୍ଧକ ରବିନାରାୟଣ ମହାଳିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଏବଂ ସହରର ଅନେକ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ସେହିପରି ଗତ ଶନିବାର ସନ୍ଧ୍ୟାରେ କେନ୍ଦୁଝର ସଦରମହକୁମା ଠାରେ ଅବସ୍ଥିତ ହ୍ୟାଣ୍ଡବଲ ପଡ଼ିଆରେ ଦସ୍ତଖତ ଅଭିଯାନ ଏବଂ ଭୋଟର ସଚେତନତା ବାର୍ତ୍ତା ସମ୍ବଳିତ ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଳ ସିଂହ ଓ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକରଙ୍କ ସମେତ ଜିଲ୍ଲାର ଅନ୍ୟ ପଦାଧିକାରୀ ଉପସ୍ଥିତ ରହି ଉପସ୍ଥିତ ସାଧାରଣ ଜନତା ବିଶେଷତଃ ଯୁବବର୍ଗଙ୍କୁ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ମତାଧିକାର ସାବ୍ୟସ୍ତ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ସୂଚନାଥାଉକି ଜିଲ୍ଲାପାଳ ଶ୍ରୀ ସିଂହ ସମସ୍ତ ଭୋଟରଙ୍କୁ ଭୋଟ ଦେଇ ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାକୁ ନିଜର ପ୍ରତ୍ୟେକ କାର୍ଯ୍ୟକ୍ରମରେ ନିବେଦନ କରିଆସୁଛନ୍ତି।

# ସୂର୍ଯ୍ୟମୁଖୀ ଚାଷ କରିଛି ସ୍ୱାବଲମ୍ବୀ

ରାମଚନ୍ଦ୍ରପୁର, ୭।୪(ସମିସ)






ତୈଳବୀଜ ଫସଲ ଅଧିକ ବ୍ୟୟବହୁଳ ହୋଇଥିବାରୁ ଅନେକ ଚାଷୀ ଏଥିରୁ ମୁହଁ ଫେରାଉଥିବା ବେଳେ ସୂର୍ଯ୍ୟମୁଖୀ ଫୁଲ ଚାଷ ପ୍ରତି ମନ ବଳାଇଛନ୍ତି ଘସିପୁରା ବ୍ଲକ ତରୁଆଁ ପଞ୍ଚାୟତ ଅନ୍ତର୍ଗତ ଚଣ୍ଡାଳି ଗ୍ରାମର ଯୁବଚାଷୀ ରଙ୍ଗାଧର ରାଉତରାୟ(୪୨)। ବିଗତ ଦୁଇ ବର୍ଷ ହେଲା ସୂର୍ଯ୍ୟମୁଖୀ ଫୁଲ ଚାଷ କରି ଆସୁଛନ୍ତି ସେ। ଚଳିତ ବର୍ଷ ପାଖାପାଖି ୨ ଏକର ଜମିରେ ସେ ଖରାଟିଆ ସୂର୍ଯ୍ୟମୁଖୀ ଫୁଲ ଚାଷ କରିଛନ୍ତି।

ସ୍ଥାନୀୟ କୃଷି ବିଭାଗ ପରାମର୍ଶ କ୍ରମେ ନିଜ ଖର୍ଚ୍ଚରେ ଉନ୍ନତ କିସମ ମଞ୍ଜି କିଣି ଜମିରେ ଲଗାଇବା ସହ ସାର କୀଟନାଶକ ଓ ଏହାର ରକ୍ଷଣାବେକ୍ଷଣ ନିଜେ କରିଛନ୍ତି। ଦୁଇ ବର୍ଷ ହେଲା ସୂର୍ଯ୍ୟମୁଖୀ ଚାଷ କରି ସେଥିରୁ ନିଜ ଘର ପାଇଁ ତେଲ ପେଡ଼ି ବର୍ଷ ସାରା ଖାଉଛନ୍ତି। ଚଳିତ ବର୍ଷ ଦୁଇ ଏକର ଜମିରେ ଚାଷ ହୋଇଥିବା ବେଳେ ସେଥିରୁ ଭଲ ଅମଳ ହେବ ବୋଲି ଆଶା ବାନ୍ଧିଛନ୍ତି। ସ୍ଥାନୀୟ ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ନାୟକ, ଭିଏଡବ୍ଲୁ ଆନିସିଂ ଦଣ୍ଡପାଟ, ଏଟିମ୍ ସୁବ୍ରତ ଜେନା ପ୍ରମୁଖ ସୂର୍ଯ୍ୟମୁଖୀ କ୍ଷେତ ପରିଦର୍ଶନ କରିବା ସହ ବିଭାଗ ପକ୍ଷରୁ ସରକାରଙ୍କ ପକ୍ଷରୁ ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ସୁପାରିଶ କରିଛନ୍ତି। ରଙ୍ଗାଧରଙ୍କ ସୂର୍ଯ୍ୟମୁଖୀ ଚାଷକୁ ଦେଖି ସ୍ଥାନୀୟ ଅଞ୍ଚଳର ଅନେକ ଏହି ଚାଷ କରିବାକୁ ଆଗଭର ହେଲେଣି। ଆଜିକାଲି ବଜାରରେ ମିଳୁଥିବା ଖାଇବା ତେଲ ଅପମିଶ୍ରିତ ହେଉଥିବା ବେଳେ ସୂର୍ଯ୍ୟମୁଖୀ ତେଲ ସ୍ୱାସ୍ଥ୍ୟ ପାଇଁ ଅତି ଉପକାରୀ ସାବ୍ୟସ୍ତ ହୋଇଛି। ସରକାରଙ୍କ କୃଷି ବିଭାଗ ପକ୍ଷରୁ ପକ୍ଷରୁ ଉନ୍ନତ କିସମ ବିହନ ଯୋଗାଇଦେବା ସହ ମଞ୍ଜିର ବିକ୍ରିବଟା ଏବଂ ତେଲ ପେଡ଼ିବା ପାଇଁ ଉପଯୁକ୍ତ ସୁବିଧା ସୁଯୋଗ ଯୋଗାଇଦେଲେ ଅନେକ ଚାଷୀ ଏହି ଚାଷ ପ୍ରତି ଆଗେଇ ଆସିବେ ବୋଲି ରଙ୍ଗାଧର କରିଛନ୍ତି।

■ ବଡ଼ପଦନା -ରାଇତୋଳା ରାସ୍ତା ମରାମତିରେ ଅନିୟମିତତା

## ହାତ ମାରିଲେ ଉଠି ଯାଉଛି ପିଚୁ



ରାମଚନ୍ଦ୍ରପୁର, ୭।୪(ସମିସ): ୨୦ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିଲା ପକ୍କା ସଡ଼କ ରକ୍ଷଣାବେକ୍ଷଣ ଅଭାବ ଏବଂ ଗ୍ରାମାଞ୍ଚଳରେ ମାତ୍ରାଧାକ ଭାରୀଯାନ ଚଳାଚଳ କରିବା ଫଳରେ ରାସ୍ତା ଅଳ୍ପ କେଇଟା ଦିନରେ ଭାଙ୍ଗିରୁଜି ଯିବା ସହ ରାସ୍ତା ମଝିରେ କୃତ୍ରିମ ଗାଡ ସୃଷ୍ଟି ହୋଇଥିଲା। ପରବର୍ତ୍ତି ସମୟରେ ରାସ୍ତା ମରାମତି ପାଇଁ ମଞ୍ଜୁର ହୋଇଥିବା ଅର୍ଥ ବାଟ ମାରଣା ହୋଇଥିବା ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଘସିପୁରା ବ୍ଲକର ବିକଶିତ ପଞ୍ଚାୟତ ଭାବେ ଜଣାଶୁଣା ଅଳତି ପଞ୍ଚାୟତ ଅଧୀନ ରାଇତୋଳା ଗ୍ରାମଠାରୁ ୨୦ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ୩ କିଲୋମିଟର ବ୍ୟାପୀ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ବିନା ସୂଚନା ଫଳକରେ ଠିକା ସଂସ୍ଥା ପକ୍ଷରୁ ମରାମତି ସହ ନୂତନ ଭାବେ ପିଚୁରାସ୍ତା ନିର୍ମାଣ କରାଯାଉଛି। ରାସ୍ତା ନିର୍ମାଣରେ ବ୍ୟବହୃତ ପିଚୁ ଅତି ନିମ୍ନମାନର ବୋଲି ସ୍ଥାନିୟ ଗ୍ରାମବାସୀ ଅଭିଯୋଗ କରିବା ସହ ପିଚୁ ଉଠି ଯାଉଥିବା ନେଇ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସଠିକ ତଦାରଖ ଅଭାବରୁ ଏଭଳି ନିମ୍ନ ମାନର କାମ ହେଉଥିବା ସ୍ଥାନୀୟ ରାଇତୋଳା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱର ସହକାରେ ଗ୍ରହଣ କରି ଠିକା ସଂସ୍ଥା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଇତୋଳା ଗ୍ରାମର ପ୍ରଦିପ କୁମାର ରଣା, ସୁଶାନ୍ତ ଦାସ, ରଞ୍ଜନ ମାଝୀ, ଅଭିଷେକ ଦାସ ସମେତ ଗ୍ରାମର ଅନେକ ଯୁବକ ଦାବି କରିଛନ୍ତି।

